بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 8

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ
Weekly BADAR Qadian Odia

ସଂଖ୍ୟା: 41
ବାର୍ଷିକ ଦେୟ : ୬୦୦/-

www.akhbarbadr.in
26 ରବିଉଲ୍ ଅୱଲ୍ 1445 ହି.କ, 12 ଇଖା ତୁବୁକ୍ 1402 ହି.ଶ 12 OCT 2023 ମସିହା

**ଅଲ୍ଲାଃତାଲାଙ୍କ ବାଣୀ**

وَبِالۡحَقِّ اَنۡزَلۡنٰہُ وَبِالۡحَقِّ نَزَلَ ؕ وَمَاۤ اَرۡسَلۡنٰکَ اِلَّا مُبَشِّرًا وَّنَذِیۡرًا

(ବନି ଇସ୍ରାଇଲ୍-106)

**ଅନୁବାଦ :** ଏବଂ ଆମ୍ଭେ ଏହାକୁ(ଅର୍ଥାତ କୁରଆନ୍‌କୁ) ସତ୍ୟ (ଓ ତତ୍ତ୍ୱ) ସହିତ ଅବତୀର୍ଣ୍ଣ କରିଅଛୁ ଏବଂ ଏହା ସତ୍ୟ (ଓ ତତ୍ତ୍ୱ) ସମ୍ବଳିତ ହୋଇ ଅବତୀର୍ଣ୍ଣ ହୋଇଅଛି ଏବଂ ଆମ୍ଭେ ତୁମ୍ଭକୁ କେବଳ ସୁସମାଚାରଦାତା ଓ ସତର୍କକାରୀ ରୂପେ ପ୍ରେରଣ କରିଅଛୁ ।

**ଅହମଦିୟା ଖବର**

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ନିକ୍ଷେପିତର ଅଭିଶାପରୁ ସର୍ବଦା ବର୍ତ୍ତିବା ପାଇଁ ପ୍ରୟାସ କରିବା ଉଚିତ୍ ।

(2451) ହ. ସହଲ୍ ବିନ୍ ସାଆଦି ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କୁ କିଛି ପାନୀୟ ବସ୍ତୁ ପାନ କରିବା ପାଇଁ ଦିଆଗଲା । ତେବେ ଆପଣ ସ.ଅ ତହିଁରୁ ଅଳ୍ପ କିଛି ପାନ କଲେ ଓ ଆପଣ ସ.ଅଙ୍କ ଦକ୍ଷିଣ ପାର୍ଶ୍ୱରେ ଜଣେ ବାଳକ ଓ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଜଣେ ବୟସ୍କ ବ୍ୟକ୍ତି ଥିଲା । ଆପଣ ସ.ଅ ଉକ୍ତ ବାଳକକୁ ପଚାରିଲେ: ବତ୍ସ ! କ'ଣ ତୁମେ ମୋତେ ଅନୁମତି ଦେଉଛି ଯେ, ମୁଁ ଏହି ବୃଦ୍ଧଙ୍କୁ ଆଗ କ୍ଷୀର ପାନ କରିବାକୁ ଦେଇ ଦେବି ? ଉକ୍ତ ବାଳକ ଜଣକ କହିଲା, ଅଲ୍ଲାଃତାଲାଙ୍କ ରାଣ ! ନା । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ସ.ଅଙ୍କ ଠାରୁ ଯେଉଁ ଅଂଶ ପ୍ରାପ୍ତ ହୋଇଛି ମୁଁ ଏହାକୁ ଅନ୍ୟ କାହାରିକୁ ଦେଇ ପାରିବି ନାହିଁ। ସହଲ୍ ର.ଅ କୁହନ୍ତି: ରସୁଲୁଲ୍ଲାଃ ସ.ଅ ଉକ୍ତ ବାଳକ ହସ୍ତରେ କ୍ଷୀର ପାତ୍ରଟି ଦେଇ ଦେଲେ ।

### ---(ଯେଉଁ ବ୍ୟକ୍ତି ଭୂମିରୁ ଅବୈଧ ତଥା ଅନୈତିକ ରୂପେ କିଛି ନେଇ ନିଏ ତା'ର ଅପରାଧ)---

(2452) ହ. ସଇଦ୍ ବିନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ଆପଣ ସ.ଅ କହୁଥିଲେ: ଯେଉଁ ବ୍ୟକ୍ତି ଭୂମିରୁ ଅବୈଧ ତଥା ଅନୈତିକ ରୂପେ କିଛି ବସ୍ତୁ ନେଇ ନିଏ ତେବେ ସେହି ବସ୍ତୁ ତା' ପାଇଁ ତା' ବେକରେ ସାତୋଟି ଭୂମିର ହୋଇ ଗଳ ବନ୍ଧନୀ ରୂପେ ପଡ଼ିବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

☆ ☆ ☆

## ପ୍ରତିଶୃତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ଉତ୍ତମ ଚରିତ୍ରବତ୍ତା ପ୍ରାପ୍ତ କର । କାରଣ ଚରିତ୍ର ହିଁ ପୁଣ୍ୟର କୁଞ୍ଚିକା (ଚାବିକାଠି) ଅଟେ ।**

**ସମସ୍ତ ସମ୍ମାନ ଓ ଗାରିମା ଠାରୁ ଆଁହଜରତ ସ.ଅଙ୍କ ଗାରିମା ସର୍ବାଧିକ ରୂପେ ଶ୍ରେୟସ୍କର । ଏହି ଗାରିମାର ପ୍ରଭାବ ସମଗ୍ର ଇସଲାମୀୟ ସଂସାରରେ ବିଦ୍ୟମାନ ରହିଛି ।**

### .....(ଆଁହଜରତ ସ.ଅଙ୍କ ଭବ୍ୟ ବୈକୁଣ୍ଠମୟ ଗାରିମା ବା ମର୍ଯ୍ୟାଦା).....

ସମସ୍ତ ସମ୍ମାନ, ମର୍ଯ୍ୟାଦା ଓ ଗାରିମା ଠାରୁ ଆଁହଜରତ ସ.ଅଙ୍କ ଗାରିମା ସର୍ବାଧିକ ରୂପେ ଶ୍ରେୟସ୍କର ଅଟେ । କାରଣ ଏହି ଗାରିମାର ପ୍ରଭବ ସମଗ୍ର ଇସଲାମୀୟ ସଂସାରରେ ବିଦ୍ୟମାନ ରହିଛି । ଆପଣ ସ.ଅଙ୍କ ସ୍ୱାଭିମାନ ହିଁ ସଂସାରକୁ ପୁନଃ ଜୀବିତ କରିଥିଲା । ଆରବୀୟମାନଙ୍କ ମଧ୍ୟରେ ବ୍ୟଭିଚାର, ମଦ୍ୟପାନ, ଯୁଦ୍ଧଖୋର ମନୋବୃତ୍ତି ବ୍ୟତୀତ ଅନ୍ୟ କିଛି ଗୁଣ ବାକି ରହିଯାଇ ନଥିଲା ଏବଂ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବାର ହତ୍ୟା ହୋଇଯାଇଥିଲା । ଅର୍ଥାତ ନିଶ୍ଚିହ୍ନ ହୋଇଯାଇଥିଲା। ସହାନୁଭୂତି ଓ ହିତୈଷୀ ମନୋଭାବ ମାନବ ଜାତିରୁ ନିଶ୍ଚିହ୍ନ ହୋଇଯାଇଥିଲା ଏବଂ କେବଳ ଭକ୍ତମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଯାଇଥିଲା ତାହା ନୁହେଁ ବରଂ ପ୍ରଭୁଙ୍କର ଅଧିକାର ସମ୍ପାଦନ କରିବା ପ୍ରତି ଲୋକମାନଙ୍କ ହୃଦୟରେ ଅମା ଅନ୍ଧକାର ଘୋଟି ଯାଇଥିଲା । ଅଲ୍ଲାଃତାଲାଙ୍କର ବିଶିଷ୍ଟ ଗୁଣାବଳୀ ଶିଳାଖଣ୍ଡ, ଫଳ, ପୁଷ୍ପ ଲତା ଓ ତାରକା ଆଦିମାନଙ୍କୁ ଦିଆଯାଉଥିଲା । ନାନ ପ୍ରକାରର ଶିର୍କ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ଥିଲା । ଅସହାୟ ମନୁଷ୍ୟ ଓ ମନୁଷ୍ୟର ଗୁପ୍ତାଙ୍ଗ, ଲିଙ୍ଗ ଆଦିକୁ ପୂଜା କରାଯାଉଥିଲା । ଏହିଭଳି ଘୃଣ୍ୟ ତଥା ପ୍ରତିକୁଳ ପରିସ୍ଥିତିର ନକ୍ସା ଯଦି କିଛି ସମୟ ପାଇଁ ଜଣେ ଶାନ୍ତିପ୍ରିୟ ଓ ସୌମ୍ୟ ସ୍ୱଭାବର ଅଧିକାରୀ ବ୍ୟକ୍ତି ସମକ୍ଷରେ ଆସିଯାଏ ତେବେ ସେ ଏକ ଭୟଙ୍କର ଅନ୍ଧକାର ଏବଂ ଅତ୍ୟାଚାର, ଅନ୍ୟାୟ ଓ ଅନୀତିର ଭୟାବହ ପୂର୍ଣ୍ଣ ଦୃଶ୍ୟକୁ ଅବଲୋକନ କରିବ । ପକ୍ଷାଘାତ ଶରୀରର ଗୋଟିଏ ପାର୍ଶ୍ୱରେ ହୋଇଥାଏ । କିନ୍ତୁ ଏହି ପକ୍ଷାଘାତ ଏଭଳି ଏକ ପକ୍ଷାଘାତ ଯେ, ତାହା ଉଭୟ ପକ୍ଷକୁ ଅକ୍ରମଣ କରିଥିଲା । ଚତୁର୍ଦ୍ଦିଗରେ ଖାଲି ପାପ ଓ ଉପଦ୍ରବର ତାଣ୍ଡବ ଲୀଳା ଜାରିଥିଲା । ନା ସ୍ଥଳ ଭାଗରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଥିଲା ଓ ନା ହିଁ ଜଳ ଭାଗରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଆଶ୍ୱସ୍ତି ଥିଲା । ବର୍ତ୍ତମାନ ଏହି ଅନ୍ଧକାର ଓ ବିନାଶ କାଳରେ ଆମେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିବାକୁ ପାଉଛେ । ଆପଣ ସ.ଅ ଆସି କିପରି ପୂର୍ଣ୍ଣ ରୂପେ ସେହି ନିର୍ଣ୍ଣାୟକ ନିକିତିମୟ ଦିବସରେ ନିଜର ହସ୍ତକୁ ସଳଖ କଲେ ଏବଂ ହସ୍ତ ପ୍ରସାରିତ କଲେ ଯେ, ପ୍ରଭୁଙ୍କର ଅଧିକାର ଓ ଭକ୍ତଙ୍କର ଅଧିକାରକୁ ନିଜର ପ୍ରକୃତ କେନ୍ଦ୍ର ବିନ୍ଦୁ ଉପରେ ସ୍ଥାପନ କରି ଦେଖାଇ ଦେଲେ । ରସୁଲୁଲ୍ଲାଃ ସ.ଅଙ୍କର ଚାରିତ୍ରିକ ଶକ୍ତିର ଅଭିଜ୍ଞତା ସେତେବେଳେ ମସ୍ତିଷ୍କକୁ ଆସିପାରି ଥାଆନ୍ତା । ଅପର ପକ୍ଷେ ଯଦି ସେହି କୋଳର ଅବସ୍ଥା ଉପରେ ଦୃଷ୍ଟିପାତ କରାଯାଏ ତେବେ ବିରୋଧୀମାନେ ଆପଣ ସ.ଅଙ୍କ ଅନୁଗାମୀମାନଙ୍କୁ ଏହିଭଳି ଭାବରେ ନିର୍ଯାତନା ଓ କଷ୍ଟ ଦେଉଥିଲେ । ଏହାର ବିପରୀତ ଆପଣ ସ.ଅ ଏହିଭଳି ପରିସ୍ଥିତିରେ ଯେତେବେଳେ ଆପଣ ସ.ଅଙ୍କୁ ସଂପୂର୍ଣ୍ଣ କ୍ଷମତା ପ୍ରାପ୍ତ ହୋଇଥିଲା, ତାଙ୍କ (ବିରୋଧୀମାନଙ୍କ)

ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କରାଗଲା ତହା ଆପଣ ସ.ଅଙ୍କ ସର୍ବୋଚ୍ଚ ଭବ୍ୟ ଗାରିମା ତଥା ମର୍ଯ୍ୟାଦାକୁ ପରିପ୍ରକାଶିତ କରିଥାଏ ।

ଏପରି କେଉଁ ଦୁଃଖ କଷ୍ଟ ନଥିଲା ଯାହା ଅବୁ ଜହଲ୍ ଓ ତା'ର ଅନ୍ୟ ସାଥିମାନେ ଆଁପଣ ସ.ଅଙ୍କ ପ୍ରାଣୋତ୍ସର୍ଗୀ ସାହାବାମାନଙ୍କୁ ଦେଇ ନଥିଲେ । ଦରିଦ୍ର ମୁସଲମାନ ମହିଳାମାନଙ୍କୁ ଓଟ ଦ୍ୱାରା ବାନ୍ଧି ବିପରୀତ ଦିଗରେ ଦଉଡ଼ାଉଥିଲା । ଯଦ୍ୱାରାକି ମହିଳାମାନେ ଦୁଇ ଖଣ୍ଡ ହୋଇଯାଉଥିଲେ । ସେମାନଙ୍କର ଅପରାଧ ବା ଦୋଷ କେବଳ ଏତିକି ଥିଲା ଯେ, ସେମାନେ لا اله الا اللهର କାହିଁକି ସ୍ୱୀକାରୋକ୍ତି ପ୍ରକାଶ କଲେ ? କିନ୍ତୁ ଏହାର ବିପରୀତ ଆପଣ ସ.ଅ ଧୈର୍ଯ୍ୟ ଓ ସହନଶୀଳତାର ସର୍ବୋଚ୍ଚ ଉଦାହରଣ ପ୍ରଦର୍ଶନ କରି ସେମାନଙ୍କୁ କ୍ଷମା ପ୍ରଦାନ କଲେ । ଯେତେବେଳେ ମକ୍କା ବିଜୟ ହେଲା ସେତେବେଳେ لا تثريب عليكم اليوم (ୟୁସୁଫ୍:93) କହି ସେମାନଙ୍କୁ କ୍ଷମା କରିଦେଲେ । ଏହା କିଭଳି ପୂର୍ଣ୍ଣ ଚରିତ୍ରର ଉଦାହରଣ ଯେ, ଏପରି ଉଦାହରଣ ଅନ୍ୟ କୌଣସି ଅବତାର ମଧ୍ୟରେ ଦେଖିବାକୁ ମିଳେ ନାହିଁ । اللهم صل على محمد وعلى آل محمد । କହିବାର ଅଭିପ୍ରାୟ ଏହିକିଯେ, ଆପଣମାନେ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରାପ୍ତ କରନ୍ତୁ । କାରଣ ଚରିତ୍ର ହିଁ ପୁଣ୍ୟର ଚାବିକାଠି ଅଟେ ।

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-481, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ବଡ଼ ଦୁଃଖ ଓ ପରିତାପତ ବିଷୟ ଏହିକି ଯେ, ମୁସଲମାମମାନେ ଇଉରୋପୀୟ ଜାତି ବିରୁଦ୍ଧରେ ବାରମ୍ବାର ଜିହାଦ୍‌ର ଘୋଷଣା କରି ଇସ୍‌ଲାମ୍ ଧର୍ମର ବର୍ଚ୍ଚସ୍ୱତାକୁ ସମାପ୍ତ କରିଦେଲେ । ଯେଉଁ ହିତୈଷି ବ୍ୟକ୍ତିମାନେ ମୁସଲମାନମାନଙ୍କୁ ଏହି ପ୍ରକାରର କଥାରୁ ଅଟକାଇବା ପାଇଁ ଉଦ୍ୟମ କଲେ ସେମାନେ (ଜିହାଦୀ ଓ ଜିହାଦ୍‌କୁ ଉସକାଉଥିବା ଶୁଷ୍କ ବିଦ୍ୱାନ୍ ମୌଲବୀମାନେ) ସେହିଭଳି ବ୍ୟକ୍ତିମାନଙ୍କୁ ଇସଲାମ୍ ଧର୍ମର ଶତ୍ରୁ ବୋଲି ବିବେଚିତ କଲେ । ସେମାନେ ଟିକିଏ ହେଲେ ଏହା ଚିନ୍ତା କଲେ ନାହିଁ ଯେ, ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଆଡ଼କୁ ଆମନ୍ତ୍ରିତ କରିଥାନ୍ତି ସେମାନେ ପ୍ରକୃତରେ ଇସ୍‌ଲାମ୍ ଧର୍ମର ଶତ୍ରୁ ନୁହନ୍ତି ବରଂ ମିତ୍ର ଅଟନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍‌ର.ଅ ସୁରାଃ ଅଲ୍ କହଫ୍‌ର ଆୟତ୍ ନଂ 24-25 ର ولا تقولن لشايء اني فاعل ذلك غدا الا ان يشاء الله واذكر ربك اذا نسيت وقل عسى ان يهدين ربي لاقرب من هذا رشدا ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ ପୁନଶ୍ଚ ସେହି ଜାତିର ଉତ୍ଥାନ କାଳ ସଂକ୍ରାନ୍ତରେ ଏକ ସୂଚନା ପ୍ରଦାନ କରାଯାଇଛି ଏବଂ ତାହା ଏହିକି ଯେ, ସେହି ଜାତି ବିପକ୍ଷରେ ଦାବି ନକରିବା ଓ ଏହା ନକହିବା ଯେ, ବାସ୍ ଆମେମାନେ କାଲି ତାଙ୍କର ସର୍ବନାଶ ଘଟାଇ ଦେବୁ । କିନ୍ତୁ ଅଲ୍ଲାଃତାଲା ତୁମମାନଙ୍କୁ ସେମାନଙ୍କ ସଂକ୍ରାନ୍ତରେ ସୂଚନା ଐଶୀବାଣୀ ମାଧ୍ୟମରେ ସୂଚନା ପ୍ରଦାନ କରିବେ । ଅର୍ଥାତ୍ ଐଶୀବାଣୀ ମାଧ୍ୟମରେ ଏହା କହିବେ ଯେ, ସେମାନଙ୍କ ପ୍ରତି ବର୍ତ୍ତମାନ ଏହି ବ୍ୟବହାର ପ୍ରଦର୍ଶନ ହେବ ।

କେତେକ ବ୍ୟକ୍ତି ଉକ୍ତ ଆୟତର ଏହି ଅର୍ଥ ପ୍ରକାଶ କରିଛନ୍ତି ଯେ, ହେ ମୁହମ୍ମଦ୍ ସ.ଅ ! ତୁମେ କୌଣସି କଥା ان شاء الله ବ୍ୟତୀତ କହିବ ନାହିଁ । ଉକ୍ତ ଆଦେଶାବଳୀ ସଂକ୍ରାନ୍ତରେ କେତେକ ପରିତାପଜନକ ବର୍ଣ୍ଣନା ଉଲ୍ଲିଖିତ କରିଛନ୍ତି ଯହିଁରୁ ରସୁଲ୍ କରୀମ୍ ସ.ଅଙ୍କର ସ୍ପଷ୍ଟ ରୂପେ ମର୍ଯ୍ୟାଦା ହାନୀ ହୋଇଥାଏ । କିନ୍ତୁ ଯଦି ତାହା କୌଣସି ପ୍ରସଙ୍ଗ ହୋଇଥାଆନ୍ତା ତେବେ ଶବ୍ଦାବଳୀ ଏହିପରି ହୋଇଥାଆନ୍ତା تقول ان شاء الله । କିନ୍ତୁ ଏଠାରେ ତ' ଅଲ୍ଲାଃତାଲା କୁହନ୍ତି: الا ان يشاء الله ଅର୍ଥାତ୍ ଉପରୋକ୍ତ ପଂକ୍ତି ସେପର୍ଯ୍ୟନ୍ତ କୁହ ନାହିଁ ଯେପର୍ଯ୍ୟନ୍ତ କି ଅଲ୍ଲାଃତାଲା ତୁମ୍ଭକୁ ଉକ୍ତ ପଂକ୍ତି କହିବାକୁ ଆଦେଶ ଦେଇ ଦେଇ ନାହାନ୍ତି । ସୁତରାଂ ଆୟତର ଅର୍ଥ ତ' କେବଳ ଏହା ଯେ, ମୁସଲମାନମାନେ ସେହି ଜାତିର ମୁକାବିଲା ନିଜସ୍ୱ ସାମର୍ଥ୍ୟ ଓ ନିଜସ୍ୱ ବଳରେ କରିପାରିବେ ନାହିଁ । ବରଂ ସେହି ବ୍ୟକ୍ତି ସେମାନଙ୍କର ମୁକାବିଲା କରିପାରିବ ଯାହାକୁ ଅଲ୍ଲାଃତାଲା ନିଜ ଇଚ୍ଛାରୁ ସେମାନଙ୍କ ମୁକାବିଲା କରିବା ନିମନ୍ତେ ଛିଡ଼ା କରିବେ ।

ଉକ୍ତ ଆୟତ୍‌ରେ ମୁସଲମାନମାନଙ୍କର ସେହି ସମୟର ଅବସ୍ଥା ଆଡ଼କୁ ଇଙ୍ଗିତ କରାଯାଇଛି ଯେତେବେଳେ ସେହି ଜାତିର ଉନ୍ନତିକୁ ଦେଖି ଆବେଗପୂର୍ଣ୍ଣ ହୋଇ ଉଠିବେ ଏବଂ ସେମାନଙ୍କର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେବେ । କିନ୍ତୁ ସେମାନେ ତହିଁରେ କୃତକାର୍ଯ୍ୟ ହେବେ ନାହିଁ । ଦ୍ୱିତୀୟ ଆୟତ୍‌ରେ ସେହି ଯୁଗରେ ମୁସଲମାନମାନଙ୍କର ଅବସ୍ଥା ସଂପର୍କରେ କୁହାଯାଇଛି ଯେ, ସେମାନେ କାର୍ଯ୍ୟ ପରିବର୍ତ୍ତେ ଆସନ୍ତା କାଲିକୁ ଭରସା କରିବେ ଏବଂ ସର୍ବଦା ଏହା କହିବେ ଯେ, ଆମେମାନେ କାଲି ଏହା କରି ଦେଖାଇ ଦେବୁ । ଅର୍ଥାତ୍ ବ୍ୟବହାରିକ ଶକ୍ତି ସେମାନଙ୍କ ଠାରେ ନିଶ୍ଚିହ୍ନ ହୋଇଯିବ ଓ ସେମାନଙ୍କୁ ଭୟଭୀତ କରାଯିବ ଓ ଧମକ ଦିଆଯିବ । ସେମାନେ ସବୁବେଳେ 'କାଲି' ର ଶବ୍ଦ ପ୍ରୟୋଗ କରୁଥିବେ । ସେମାନଙ୍କର ସେହି କାଲି ଶବ୍ଦ କେବେବି ଆଜିରେ ପରିଣତ ହେବ ନାହିଁ । ସୁତରାଂ ଦେଖିନିଅ ଯେ, ସେହି କାଳରେ ଏହି ସତ୍ୟତା ସମସ୍ତ ମୁସଲମାନ ଜାତିର ବ୍ୟବହାରିକ କର୍ମରୁ ହିଁ ପ୍ରକାଶିତ ହେଉଅଛି । ଏହାକୁ ଦେଖି ଦୁଃଖ ଓ ପରିତାପ କରିବା ସହିତ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥାଉ ।

واذكر ربك اذا نسيت କହି ଏହା ସୂଚାଇ ଦିଆଯାଇଛି ଯେ, ଯଦି କେତେବେଳେ ଉତ୍‌କ୍ଷିପ୍ତ ହୋଇ ସେହି ଜାତିମାନଙ୍କର ମୁକାବିଲା କରିବାର ବିଚାର ତୁମ ମନରେ ସୃଷ୍ଟି ହୁଏ ତେବେ ଅଲ୍ଲାଃତାଲାଙ୍କ ପ୍ରତିଶୃତିକୁ ସ୍ମରଣ କରିନିଅ । କାରଣ ଅଲ୍ଲାଃତାଲାଙ୍କର ଏହି ପ୍ରତିଶ୍ରୁତି ରହିଛି ଯେ, ସେ ମୁସଲମାନମାନଙ୍କୁ ଦିନେ ନା ଦିନେ ସେହି ଆକ୍ରମଣରୁ ରକ୍ଷା କରିବେ ଓ ଆଦୃଷ୍ଟରୁ ମୁସଲମାନମାନଙ୍କର ମୋକ୍ଷା ନିମନ୍ତେ ସାଧନ ସୃଷ୍ଟି କରିବେ । ତେଣୁ ମନ ଭିତରୁ ଐଶୀ ଯୋଜନା ବ୍ୟତୀତ ଅନ୍ୟ ଯୋଜନାକୁ କାଢି ଦେବା ଉଚିତ୍ ।

وقل عسى ان يهدين ربي لاقرب من هذا رشداରେ ମଧ୍ୟ ଏହି ଶିକ୍ଷା ପ୍ରଦାନ କରାଯାଇଛି ତୁମର ପ୍ରକାଶ୍ୟଗତ ଯୋଜନା ତ' ଶତାଧିକ ବର୍ଷ ମଧ୍ୟରେ ସେହି ଜାତିମାନଙ୍କୁ ଧ୍ୱଂସ କରିପାରବ ନାହିଁ । କିନ୍ତୁ ଅଲ୍ଲାଃତାଲା ନିଜ କୃପା ବଳରେ ଖୁବ୍ ଶୀଘ୍ର ଏଭଳି ସାଧନ ସୃଷ୍ଟି କରିଦେବେ ଯେ, ତୁମେମାନେ ଉପଦ୍ରବ ଓ ହିଂସାରୁ ନିରାପଦ ରହିବ । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ଉକ୍ତ ଉପଦେଶରୁ ଉପକୃତ ହେଲେ ନାହିଁ ଓ ଇଉରୋପୀୟ ଜାତି ବିପକ୍ଷରେ ମୁକାବିଲା କରିବା ବାରମ୍ବାର ଜିହାଦ୍ କରିବାର ଘୋଷଣା କରି କେବଳ ଇସ୍‌ଲାମ୍ ଧର୍ମର ବର୍ଚ୍ଚସ୍ୱତାକୁ ସମାପ୍ତ କଲେ ନାହିଁ ବରଂ ଯେଉଁ ହିତୈଷି ବ୍ୟକ୍ତିମାନେ ମୁସଲମାନମାନଙ୍କୁ ଏହି ପ୍ରକାରର କଥାରୁ ଅଟକାଇବା ପାଇଁ ଉଦ୍ୟମ କଲେ ସେମାନେ (ଜିହାଦୀ ଓ ଜିହାଦ୍‌କୁ ଉସକାଉଥିବା ଶୁଷ୍କ ବିଦ୍ୱାନ୍ ମୌଲବୀମାନେ) ସେହିଭଳି ବ୍ୟକ୍ତିମାନଙ୍କୁ ଇସ୍‌ଲାମ୍ ଧର୍ମର ଶତ୍ରୁ ବୋଲି ବିବେଚିତ କଲେ । ସେମାନେ ଟିକିଏ ହେଲେ ଏହା ଚିନ୍ତା କଲେ ନାହିଁ ଯେ, ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଆଡ଼କୁ ଆମନ୍ତ୍ରିତ କରିଥାନ୍ତି ସେମାନେ ଇସ୍‌ଲାମ୍ ଧର୍ମର ଶତ୍ରୁ ନୁହନ୍ତି । ବରଂ ସେମାନେ ହେଉଛି ପରମ ଶତ୍ରୁ ଯେଉଁମାନେ ପବିତ୍ର କୁରଆନ୍ କରୀମର ବାରଣ କରିବା ସତ୍ତ୍ୱେ ମଧ୍ୟ ଅସତ୍ ପନ୍ଥା ବା ଅସତ୍ ମାର୍ଗ ଅବଲମ୍ବନ କରି ଚାଲିଛନ୍ତି । **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-7, ପୃ-439, ପ୍ରକାଶନ ବର୍ଷ 2010 ମସିହା, କାଦିଆନ୍)**

## ଗତ 40 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତବା ଜୁମା
## ତା- 17 Feb 2023 ର ଅବଶିଷ୍ଟାଂଶ...........
# ଖୁତବା ଜୁମା 17-2-2023

ଏବଂ ସେମାନଙ୍କୁ ଯେଉଁମାନେ ପ୍ରଭୁଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣନ୍ତି ନାହିଁ, ଈଶ୍ୱର ଓ ଈଶ୍ୱରଙ୍କ ଧର୍ମ ତଥା ତାହାଙ୍କ ଧର୍ମଗ୍ରନ୍ଥ ଏବଂ ତାହାଙ୍କର ପବିତ୍ର ଅବତାର ହ. ମୁହମ୍ମଦ ସ.ଅଙ୍କୁ ଅସ୍ୱୀକାର ଏବଂ ପ୍ରତ୍ୟାଖ୍ୟାନ ଦୃଷ୍ଟିରେ ଦେଖନ୍ତି ସେମାନଙ୍କୁ ଜ୍ୱଳନ୍ତ ନିଦର୍ଶନ ପ୍ରାପ୍ତ ହେଉ ଓ ଦୋଷୀମାନଙ୍କର ମାର୍ଗ ପ୍ରକାଶିତ ହୋଇଯାଉ । ସୁତରାଂ ତୁମ୍ଭକୁ ସୁସମାଚାର ପ୍ରଦାନ କରାଯାଉଛି ଯେ, ଏକ ଶ୍ରୀମୁଖ ଓ ପବିତ୍ର ପୁତ୍ର ସନ୍ତାନ ତୁମ୍ଭକୁ ପ୍ରଦାନ କରାଯିବ । ଏକ ସ୍ୱଚ୍ଛ ଓ ପବିତ୍ର ପୁତ୍ର ସନ୍ତାନ ତୁମ୍ଭକୁ ପ୍ରାପ୍ତ ହେବ । ସେହି ପୁତ୍ର ସନ୍ତାନ ତୁମ୍ଭରି ଔରସରୁ ଓ ତୁମ୍ଭରି ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ ସନ୍ତାନ ରୂପେ ବିବେଚିତ ହେବ । ସୁନ୍ଦର ପବିତ୍ର ପୁତ୍ର ତୁମ୍ଭର ଅତିଥି **(ଅବଶିଷ୍ଟାଂ ..........ପୃ-3ରେ)**

## ପୃ -2 ର ଅବଶିଷ୍ଟାଂଶ..........

ହୋଇ ଆସିବ ଯାହାର ନାମ عَمنُوَایِل ବଶୀର ମଧ୍ୟ ଅଟେ । ତା'କୁ ପବିତ୍ର ଆତ୍ମା ପ୍ରଦାନ କରାଯାଇଛି ଏବଂ ସେ ସମସ୍ତ ପ୍ରକାରର ଅପିବତ୍ରତା ଠାରୁ ପବିତ୍ର ଅଟେ । ସେ ଅଲ୍ଲାଃତାଲାଙ୍କର ଏକ ଜ୍ୟୋତି ଅଟେ । କଲ୍ୟାଣମୟ ହେଉଛି ସେହି ବ୍ୟକ୍ତି ଯିଏ ଆକାଶଲୋକରୁ ଆସିଥାଏ । ତା' ସହିତ କୃପା ରହିଛି ଏବଂ ତା'ର ଆଗମନ ସହିତ ସେହି କୃପାର ଆଗମନ ଘଟିବ । ସେ ମହାନ, ଭବ୍ୟ ଏବଂ ଧନାଢ୍ୟ ବ୍ୟକ୍ତି ହେବ । ସେ ଏହି ମର୍ତ୍ତ୍ୟାଧାମକୁ ଆସିବ ଏବଂ ନିଜର ମସିହ୍‌ଙ୍କ ଆତ୍ମା ଓ ସତ୍ୟାତ୍ମାର କଲ୍ୟାଣ ବଳରେ ଅନେକ ରୋଗୀଙ୍କୁ ରୋଗରୁ ମୁକ୍ତ ଓ ପବିତ୍ର କରିବ । ସେ ଈଶ୍ୱରବାଣୀ ଅଟେ। କାରଣ ଈଶ୍ୱରଙ୍କ କରୁଣା ଓ କୃପା ତଥା ତାହାଙ୍କ ସ୍ୱାଭିମାନୀତ୍ୱ ତାହାକୁ ଗୁଣକୀର୍ତ୍ତନ ବାଣୀ ଦ୍ୱାରା ପ୍ରାରଣ କରିଛନ୍ତି । ସେ ଅତ୍ୟନ୍ତ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ହେବ ଏବଂ କୋମଳ ହୃଦୟ, ବାହ୍ୟିକ ବା ପ୍ରକାଶ୍ୟଗତ ଜ୍ଞାନ ଓ ଆଭ୍ୟନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବ। ସେ ତିନି କୁ ଚାରି କରିବ । ସୋମବାର ଅଟେ ମଙ୍ଗଳମୟ ସୋମବାର । ହ. ମସିହ୍ ମଉଦ୍ ଅ.ସ ତିନିକୁ ଚାରି କରିବା ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ,"(ଏହାର ଅର୍ଥ ବୁଝି ହେଲା ନାହିଁ)" ସେ ଯାହା ହେଉ ନା କାହିଁକି ଆଗକୁ ଆପଣ ଅ.ସ କୁହନ୍ତି: ସୋମବାର ଅଟେ ମଙ୍ଗଳମୟ ସୋମ୍ବାର । ସୁଯୋଗ୍ୟ ପିତାଙ୍କର ସୁଯୋଗ୍ୟ ସନ୍ତାନ ଏବଂ ସୁପୁତ୍ର । مَظْهَرُ الْاَوَّلِ وَالْآخر، مَظْهَرُ الْحَقِّ وَالْعَلَاءِ كَاَنَّ اللّٰهَ نَزَلَ مِنَ السَّمَاءِ । ଉକ୍ତ ସୁପୁତ୍ରର ଜନ୍ମଗ୍ରହଣ ଅତ୍ୟନ୍ତ କଲ୍ୟାଣମୟ, ଐଶୀ ପ୍ରତାପର ପ୍ରକାଶିତ ହେବାର କାରଣ ହେବ । ଆଲୋକ ଆସଇ ଆଲୋକ ଆସଇ । ସେହି ଆଲୋକକୁ ଈଶ୍ୱର ନିଜର ସହମତି ତଥା ଆଜ୍ଞାର ମହକ ଦ୍ୱାରା ସ୍ପର୍ଶିତ ଓ ସୁଗନ୍ଧିତ କଲେ । ପ୍ରଭୁ କହିଲେ: ଆମ୍ଭେ ତହିଁରେ ଆତ୍ମ (ପ୍ରାଣ) ସଂଚାର କରିବୁ ଓ ପ୍ରଭୁଙ୍କ ଛାୟୀ ସର୍ବଦା ତା' ଉପରେ ବିଦ୍ୟମାନ ରହିବ । ସେ ଶୀଘ୍ର ଶୀଘ୍ର ବଢ଼ ହୋଇଯାବି ଏବଂ ବନ୍ଦୀମାନଙ୍କ ମୁକ୍ତିର କାରଣ ସାଜିବ । ତା'ର ପ୍ରସିଦ୍ଧି ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ବ୍ୟାପୀ ଯିବ । ଜାତିମାନେ ସେହି ପୁଣ୍ୟଶ୍ଳୋକ ବ୍ୟକ୍ତିର ଅସ୍ତିତ୍ୱରୁ କଲ୍ୟାଣ ସନ୍ଧାନ କରିବେ । ଠିକ୍ ସେହି ସମୟରେ ସେହି ଆତ୍ମିକ ବିନ୍ଦୁ ଆକାଶା ଆଡ଼କୁ ଡ଼ାକି ନିଆଯିବ ବା ଉଠାଇ ନିଆଯିବ । وَكَانَ اَمْرًا مَّقْضِيًّا ଅର୍ଥାତ୍ ଏହା ପ୍ରଭୁଙ୍କ ଶେଷ ନିଷ୍ପତ୍ତି ଅଟେ । **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5,ପୃ-647)**

ସୁତରାଂ ଉପରୋକ୍ତ ଭବିଷ୍ୟତବାଣୀ ଅନୁଯାୟୀ ସେହି ଅବଧି ମଧ୍ୟରେ ଯେଉଁ ଅବଧି ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଥିଲେ ଆପଣ ଅ.ସଙ୍କୁ ଏକ ପୁତ୍ର ସନ୍ତାନ ପ୍ରାପ୍ତ ହେଲା ଯାହାର ନାମ ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ଅଟେ । ଅଲ୍ଲାଃତାଲା ଆପଣ ର.ଅଙ୍କୁ ଖଲିଫତୁଲ୍ ମସିହ୍ ସାନି ସିଂହାସନରେ ଅଭିଷିକ୍ତ କଲେ । ପୁନଶ୍ଚ ଏକ ଦୀର୍ଘ କାଳ ପରେ ଖଲିଫା ସାନି ର.ଅ ଅଲ୍ଲାଃତାଲାଙ୍କ ଠାରୁ ସୂଚନା ପ୍ରାପ୍ତ କରି ଏହି ଘୋଷଣା କଲେ ଯେ, ହ. ମସିହ୍ ମଉଦ୍ ଅ.ସ ଯେଉଁ ସୁପୁତ୍ରଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ସେହି ସୁପୁତ୍ର ହେଉଛି ମୁଁ ।

ସେହି ପୁତ୍ରର ଈଶ୍ୱରଙ୍କ ପକ୍ଷରୁ ପ୍ରକାଶ୍ୟ ଏବଂ ଆଭ୍ୟନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବା, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ହେବା ତଥା ଅନ୍ୟାନ୍ୟ ବିଶେଷ ଗୁଣାବଳୀର ପରଆପଣା ସମସ୍ତେ ଭୂୟସୀ ପ୍ରଶଂସା କରିଛନ୍ତି । ଅହେମଦିମାନେ ଭଲ ଭାବରେ ଜାଣନ୍ତି ଯେ, ଅଣମୁସଲମାନ ଓ ଅଣଅହେମଦିମାନେ ଆପଣ ର.ଅଙ୍କର ଭୂୟସି ପ୍ରଶଂସା ମୁକ୍ତ କଣ୍ଠରେ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେଉଁ ଜ୍ଞାନଭିତ୍ତିକ ଏବଂ କାର୍ଯ୍ୟଭିତ୍ତିକ କୃତିତ୍ୱ ଉପଲବ୍ଧି କରିଥିଲେ ତତ୍‌ସଂକ୍ରାନ୍ତରେ ବର୍ତ୍ତମାନ ମୁଁ କେତେକ ପ୍ରାମାଣ୍ୟ ଓ ଆଲେଖ୍ୟ ଉପସ୍ଥାପିତ କରିବି । କିନ୍ତୁ ଏହା ପୂର୍ବରୁ ଏକଥା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ଯେ, ସ୍ୱାସ୍ଥ୍ୟ ଦୃଷ୍ଟିରୁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବାଲ୍ୟକାଳ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅତିବାହିତ ହୋଇଥିଲା । ଆପଣ ର.ଅ ସର୍ବଦା ଅସୁସ୍ଥ ରହୁଥିଲେ । ଆପଣ ର.ଅ ଦୁଷ୍ଟିଶକ୍ତି ରୋଗରେ ପିଡ଼ୀତ ଥିଲେ । ଗୋଟିଏ ସମୟରେ ଆପଣ ର.ଅ ନିଜର ଗୋଟିଏ ଚକ୍ଷୁର ଦୃଷ୍ଟି ଶକ୍ତି ମଧ୍ୟ ହରାଇ ବସିଥିଲେ । ପୁନଶ୍ଚ ସାଂସାରିକ ଦୃଷ୍ଟିରୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଚ୍ଚ ଶିକ୍ଷିତ ନଥିଲେ କହିଲେ ଚଳେ । ଆପଣ ର.ଅ ସ୍ୱୟଂ କହିଲେ, ବହୁ କଷ୍ଟରେ ମୁଁ ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିଥିଲି । କିନ୍ତୁ ଯଦିଓ ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ଓ ଅଙ୍ଗୀକାର ରହିଥିଲା ଯେ, ସେ ଆପଣ ର.ଅଙ୍କୁ ଧାର୍ମିକ ଓ ସାଂସାରିକ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରି ଆପଣ ର.ଅଙ୍କୁ ପ୍ରକାଶ୍ୟଭିତ୍ତିକ ଜ୍ଞାନ ଏବଂ ଆଭ୍ୟନ୍ତରୀଣଭିତ୍ତିକ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରିବାର ପ୍ରତିଶୃତି ଦେଇଥିଲେ । ଏଣୁ ଅଲ୍ଲାଃତାଲା ହିଁ ଆପଣ ର.ଅଙ୍କ ତୁଣ୍ଡ ମାଧ୍ୟମରେ ବୁଦ୍ଧିକୁ ସ୍ତମ୍ଭୀଭୂତ କରିଦେବା ଭଳି ଖୁତ୍‌ବାତ୍ ଏବଂ ଖିତାବାତ୍ (ଉଦ୍‌ବୋଧନୀ ଏବଂ ଅଭିଭାଷଣ) ଆଦି ଜାରି କରାଇଥିଲେ । ସେହିପରି ଆପଣ ର.ଅ ଏଭଳି ବିଷୟବସ୍ତୁ ଉଲ୍ଲେଖ କରି ଉଦାହରଣ ଦେଲେ ଯାହାକି ଅନନ୍ୟ ଓ ଅପ୍ରତିମ ଥିଲା । ସେହିପରି ଏହି ବିଷୟବସ୍ତୁ ପ୍ରତି ଅଣଅହେମଦିମାନେ ମଧ୍ୟ ପରିଚିତ ଏବଂ ଅବଗତ ଅଟନ୍ତି । ତତ୍‌ସଂକ୍ରାନ୍ତରେ ମୁଁ କେତେକ ପ୍ରାମାଣ୍ୟ ଉପସ୍ଥାପିତ କରିବି । କିନ୍ତୁ ଏହା ପୂର୍ବରୁ ମୁଁ ଆପଣ ର.ଅଙ୍କ ଲେଖନୀ, ଖୁତ୍‌ବାତ୍, ପ୍ରବନ୍ଧ, ଭାଷଣ ଏବଂ ମଜାଲିସ୍ ଇର୍ଫାନ୍ (ବ୍ରହ୍ମଜ୍ଞାନଭିତ୍ତିକ ସଭା) ଆଦିର ସଂଖ୍ୟା ଏବଂ ସ୍ଥୂଳ ରୂପେ ଏକ ଦୃଷ୍ଟିପାତ ତଥା ସମୀକ୍ଷା ଉପସ୍ଥାପିତ କରି ଦେଉଛି ।

ଆପଣ ର.ଅଙ୍କ ଯେଉଁ ପୁସ୍ତକାବଳୀ, ଉଦ୍‌ବୋଧନ, ଭାଷଣ, ବାର୍ତ୍ତା ଏବଂ ନିବନ୍ଧ ଆଦି ପ୍ରକାଶିତ ହେଲା ଅବା ଆଜି ସେହି ସମସ୍ତ ଲେଖନୀ ସଂପୂର୍ଣ୍ଣ ହୋଇଯାଇଛି ଏବଂ ପ୍ରକାଶିତ ହେବା ପାଇଁ ପ୍ରସ୍ତୁତ ରହିଛି । ଏହା **'ଅନୱାରୁଲ୍ ଉଲୁମ୍'** ନାମରେ ପ୍ରକାଶିତ ହୋଇଛି । ସେହି ସମସ୍ତ ଗ୍ରନ୍ଥଖଣ୍ଡର ସଂଖ୍ୟା ୩୮ ହେବ ଏବଂ ମୋଟ୍ ପୁସ୍ତକ ସଂଖ୍ୟା ୧୪୨୪ ଅଟେ । ମୋଟ ପୁସ୍ତକ ସଂଖ୍ୟା ହେଲା ୨୦୩୪୦ । ତଫ୍‌ସୀର କବୀର୍, ତଫ୍‌ସିର୍ ସଗିର୍ ଏବଂ ଅନ୍ୟାନ୍ୟ ବ୍ୟାଖ୍ୟାମୂଳକ ବିଷୟବସ୍ତୁ ସମ୍ବଳତି ତଥ୍ୟର ମୋଟ ପୃଷ୍ଠା ସଂଖ୍ୟା ୨୮୭୩୫ ଅଟେ । ଯହିଁରେ ୧୮୦୮ଟି ଖୁତ୍‌ବା ଜୁମା ରହିଛି ଏହାର ମୋଟ୍ ପୃଷ୍ଠା ସଂଖ୍ୟା-(୧୮୭୦୫), ୫୧ଟି ଖୁତ୍‌ବାତେ ଇଦୁଲ୍ ଫିତର ରହିଛି ଯାହାର ମୋଟ୍ ପୃଷ୍ଠା ସଂଖ୍ୟା (୫୦୩) ଅଟେ, ୪୨ଟି ଖୁତ୍‌ବାତେ ଇଦୁଲ୍ ଅଜ୍‌ହା ରହିଛି ଯାହାର ମୋଟ୍ ପୃଷ୍ଠା ସଂଖ୍ୟା (୪୦୫) ଅଟେ । ୧୫୦ଟି ଖୁତ୍‌ବାତେ ନିକାହ୍ ରହିଛି ଯାହାର ମୋଟ୍ ପୃଷ୍ଠା ସଂଖ୍ୟା (୬୮୪) ଅଟେ, ଖିତାବାତେ ଶୁରା ପ୍ରଥମ ଭାଗ ଏବଂ ତୃତୀୟ ଭାଗ ଆଦି ପ୍ରକାଶିତ ହୋଇଛି । ଯାହାର ହାରାହାରି ପୃଷ୍ଠା ସଂଖ୍ୟା (୨୧୩୧) ଅଟେ । ଯଦି ସମସ୍ତ ପୃଷ୍ଠାକୁ ଏକତ୍ରିତ କରିଦିଆଯାଏ ତେବେ ସର୍ବମୋଟ ପୃଷ୍ଠା ସଂଖ୍ୟା ହେଉଛି ୭୫୦୦୦ । ରିସର୍ଚ୍ଚ ସେଲ୍ ଅଲ୍ ହକମ୍ ଓ ଅଲ୍‌ଫଜଲ୍‌ର ୧୯୧୩-୧୯୭୦ ପର୍ଯ୍ୟନ୍ତ ସଂଖ୍ୟାକୁ ଦେଖିବାରୁ ଅତିରିକ୍ତ ବିଷୟବସ୍ତୁ ଓ ପ୍ରାମାଣ୍ୟ ସମ୍ମୁଖକୁ ଆସିଛି ଯାହା ଅଦ୍ୟାବଧି (ଏଯାବତ୍) କୌଣସି ପୁସ୍ତକରେ ପ୍ରକାଶିତ ହୋଇପାରି ନାହିଁ । ଏହାର ବିସ୍ତୃତ ବିବରଣୀ ଅନୁଯାୟୀ (୫୫)ଟି ବିଷୟ, (୨୭) ଭାଷଣ, (୧୪୩) ମଜାଲିସେ ଇର୍ଫାନ୍, (୨୨୨)ଟି ମଲ୍‌ଫୁଜାତ୍‌ର ବିଷୟବସ୍ତୁ ସମ୍ବଳିତ ଓ (୧୩୧) ଟି ମକତୁବାତ୍ ଏଯାବତ୍ ପାଠୋଦ୍ଧାର ହୋଇସାରିଛି । ଏହା ଅତ୍ୟନ୍ତ ବ୍ୟାପକ ଜ୍ଞାନଭିତ୍ତିକ ରତ୍ନଭଣ୍ଡାର ଅଟେ ।

ବର୍ତ୍ତମାନ ମୁଁ ଆପଣ ର.ଅଙ୍କ ଜ୍ଞାନଭିତ୍ତିକ କାର୍ଯ୍ୟକୃତିତ୍ୱ ମଧ୍ୟରୁ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଏବଂ ବ୍ୟାଖ୍ୟାର କେତେକ ଘଟଣାବଳୀ ଏବଂ ଅଣହେମଦିମାନଙ୍କର କେତେକ ଆଲୋଚନା, ପର୍ଯ୍ୟାଲୋଚନା ଉପସ୍ଥାପିତ କରୁଛି । ଆପଣ ର.ଅ ତଫ୍‌ସିର୍ କବୀରରେ ୫୯ଟି ସୁରାଃର ବ୍ୟାଖ୍ୟା କରିଛନ୍ତି ଯାହାକି ୧୦ଟି ଭାଗରେ ପ୍ରକାଶିତ ହୋଇସାରିଛି । ଏହାର ମୋଟ୍ ପୃଷ୍ଠା ସଂଖ୍ୟା (୫୯୦୭) ଅଟେ । ସେହିପରି ଆପଣ ର.ଅଙ୍କ ଅନେକ ବ୍ୟାଖ୍ୟାତ୍ମକ ଟୀକା ଟିପ୍ପଣୀ ହସ୍ତଗତ ହୋଇଛି ଯାହାର ସଂଖ୍ୟା ୧୦୦୦ ହେବ ଏବଂ ଆଶା କରୁଛୁ କି ତାହା ଯେକୌଣସି ମୁହୂର୍ତ୍ତରେ ପ୍ରକାଶିତ ହୋଇଯିବ । ପୂର୍ଣ୍ଣ ଅର୍ଥ ସମ୍ବଳିତ ଅନୁବାଦ ପବିତ୍ର କୁରଆନ୍ କରୀମ୍‌ର ଏକ ବୃହତ୍ କାର୍ଯ୍ୟ ଆପଣ ର.ଅଙ୍କ ତଫସିର୍ ସଗିର୍ ଆକାରରେ ରହିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନିଜ ଜୀବନର ଶେଷ କାଳରେ ସବୁଠୁ ବଡ଼ ଏହି ଅଭିଳାଷା ଥିଲା ଯେ, ଆପଣ ର.ଅଙ୍କ ଜୀବନରେ ଆପଣ ର.ଅଙ୍କ ମାଧ୍ୟମରେ ସଂପୂର୍ଣ୍ଣ କୁରଆନ୍ କରୀମର ଏକ ଉଚ୍ଚ ସ୍ତରୀୟ ଓ ପୂର୍ଣ୍ଣ ତଥା ସଂକ୍ଷିପ୍ତ ଅନୁବାଦ ସହିତ ସଂପୂର୍ଣ୍ଣ ଅର୍ଥଟୀକା ପ୍ରକାଶିତ ହୋଇଯାଇଛି ।

1955 ମସିହାରେ ୟୁରୋପ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ ପରେ ହୁଜୁର ର.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ଅନେକ ସମୟରେ ଅସୁସ୍ଥ ରହିଥିଲା । କିନ୍ତୁ ଅଲ୍ଲାଃତାଲା ନିଜର ପ୍ରତିଶୃତ ଖଲିଫାଙ୍କର ପବିତ୍ରାତ୍ମା ମାଧ୍ୟମରେ ଏପରି ଭବ୍ୟ ସାହାଯ୍ୟ ଓ ସମର୍ଥ କଲେ ଯେ, ଜୁନ୍ ମାସ 1956 ମସିହାର ଗ୍ରୀଷ୍ମ ଋତୁରେ ମରିର ପର୍ବତ ଉପରେ ଚାଲିଗଲେ ଏବଂ ସେଠାରେ ଆପଣ ର.ଅ ପବିତ୍ର କୁରଆନ୍ କରୀମର ଅନୁବାଦ ହସ୍ତ ଲିଖନ ଓ ସଂଶୋଧନ କରିବା ଆରମ୍ଭ କଲେ । ଅଲ୍ଲାଃତାଲାଙ୍କ କୃପାରୁ 25 ଅଗଷ୍ଟ 1956 ମସିହାର ଅସର ପର୍ଯ୍ୟନ୍ତ ତାହା ସଂପୂର୍ଣ୍ଣ ହୋଇଯାଇଥିଲା । ଏହା ନଖ୍‌ଲାର ଏକ ସ୍ଥାନ ଥିଲା ଯାହାକି କିଲର୍ କାହାର ନିକଟବର୍ତ୍ତୀ ଏକ ଛୋଟିଆ ଶାନ୍ତିପୂର୍ଣ୍ଣ ପରିବେଶ ଥିଲା । ସେଠାରେ ଆପଣ ର.ଅ ଏକ ଛୋଟ ବସ୍ତି ନିର୍ମାଣ କରିଥିଲେ ଯେଉଁଠି ଆପଣ ର.ଅ ଉକ୍ତ କାର୍ଯ୍ୟ ସମ୍ପାଦନ କଲେ। ଏହାପରେ ପୁନଶ୍ଚ ଏହା ଦ୍ୱିତୀୟ ଥର ସଂଶୋଧନ ହେଲା । ପୁନଶ୍ଚ ତୃତୀୟ ସଂଶୋଧନ ହେଲା। ଲେଖନ ପ୍ରକ୍ରିୟା ସମ୍ପାନ ହେଲା, ତ୍ରୁଟି ସଂଶୋଧନ ଆଦି ଅନେକ କାର୍ଯ୍ୟ ସମ୍ପାଦନ ହେଲା ଓ ତଫ୍‌ସିର୍ ସଗିର୍ 15 ନଭେମ୍ବର 1957 ମସିହାରେ ସଂପୂର୍ଣ୍ଣ ରୂପେ ପ୍ରକାଶିତ ହେଇଗଲା । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-19, ପୃ-522-531)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ତଫ୍‌ସିର୍ ସଗିର୍ ସଂକ୍ରାନ୍ତରେ ଏକ ସ୍ଥଳରେ କହିଲେ ଯେ, ମୋର ଏହି ମତ ରହିଛି ଯେ, ବର୍ତ୍ତମାନ ପବିତ୍ର କୁରଆନ୍‌ର ଯେତେ ଅନୁବାଦ ହୋଇଛି ତନ୍ମଧ୍ୟରୁ କୌଣସି ଅନୁବାଦରେ ଉର୍ଦ୍ଦୁ ପ୍ରବାଦ ଏବଂ ଆରବୀୟ ପ୍ରବାଦ ପ୍ରତି ସେତେଟା ଗୁରୁତ୍ୱ ଦିଆଯାଇ ନାହିଁ ଯେତେଟା ଗୁରୁତ୍ୱ ଏହି ତଫ୍‌ସିରରେ ଦିଆଯାଇଛି । ଆପଣ ର.ଅ କୁହନ୍ତି ଯେ, ବିଗତ ୧୩୦୦

ଶତାବ୍ଦୀରେ ବଡ଼ ବଡ଼ ବିଦ୍ୱାନ୍ ପଣ୍ଡିତମାନେ ଆସିଛନ୍ତି କିନ୍ତୁ ଅଲ୍ଲାଃତାଲା ମୋତେ ଯେଉଁ ଗୁରୁଦାୟିତ୍ୱ ନିର୍ବାହ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରିଛନ୍ତି ତାହା ଅନ୍ୟ କୌଣସି ବିଦ୍ୱାନ୍ ବ୍ୟକ୍ତିଙ୍କୁ ସାମର୍ଥ୍ୟ ଲାଭ ହୋଇ ନାହିଁ । ବାସ୍ତବରେ କହିବାକୁ କଲେ ପବିତ୍ର କୁରଆନର ଉକ୍ତ ତଫ୍‌ସିର୍‌ର କାର୍ଯ୍ୟଟି ଅଲ୍ଲାଃତାଲାଙ୍କର ଅଟେ । ସେ ଯାହାକୁ ଚାହିଁବେ ତାଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରିବେ ଏବଂ ଉକ୍ତ କାର୍ଯ୍ୟ କମ୍ପାଦନ କରାଇ ନେବେ । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-19, ପୃ-525-526)**

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆପଣ ର.ଅ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ଅନୁବାଦ ସଂପୂର୍ଣ୍ଣ ହୋଇଗଲା । ଅର୍ଥାତ **ଅଲ୍‌ହମ୍‌ଦୁ ଲିଲ୍ଲାଃହିରୁ ୱନ୍‌ନାସ୍** ପର୍ଯ୍ୟନ୍ତ । ଅତଃ ତଫ୍‌ସିର୍ ସଗିର୍ ସହିତ ତଫ୍‌ସିର କବୀର୍‌ର ଯଦି ତୁଳନା କରାଯାଏ ତେବେ ଏହା ଜଣାପଡ଼େ ଯେ, ତଫ୍‌ସିର୍ ସଗିରରେ ଅନେକ ପ୍ରସଙ୍ଗ ରହିଛି ଯାହାକି ଟୀକା ଆକାରରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯାଇଛି କିନ୍ତୁ ତଫ୍‌ସିର କବୀରରେ ତାହା ବର୍ଣ୍ଣିତ ହୋଇ ନାହିଁ। **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-19, ପୃ-530)**

ପୁନଶ୍ଚ ତଫ୍‌ସିରୁଲ୍ କୁରଆନ୍‌ର ଇଂରାଜୀରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେଲା ଯାହାକୁ **(Five Volume of Commentary)** **'ଫାଇଭ୍ ଭଲ୍ୟୁମ୍ ଅଫ୍ କମେଣ୍ଟାରୀ'** ବୋଲି କୁହାଯାଏ । ଉକ୍ତ ତଫ୍‌ସିରର ପ୍ରାରମ୍ଭରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସ୍ୱକଲମ ଲିଖିତ (ସ୍ୱକୃତ ବା ସ୍ୱରଚିତ) ଅତ୍ୟନ୍ତ ବ୍ରହ୍ମଜ୍ଞାନଭିତ୍ତିକ ପ୍ରାକ୍‌କଥନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଯହିଁରେ ଅନ୍ୟ ଆକାଶୀୟ ଧର୍ମଗ୍ରନ୍ଥର ଉପସ୍ଥିତିରେ ପବିତ୍ର କୁରଆନ କରୀମ୍‌ର ଆବଶ୍ୟକତା, ପ୍ରାସଙ୍ଗିକତା ଏବଂ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ, ଜମ୍‌ଉଲ୍ କୁର୍‌ଆନ (ପବିତ୍ର କୁରଆନ କରୀମ ଏକତ୍ରୀକରଣ), ପବିତ୍ର କୁରଆନ୍ କରୀମ୍ ଉପରେ ସଂପୂର୍ଣ୍ଣ ଅନନ୍ୟ ଏବଂ ମନମୁଗ୍ଧକର ସୌନ୍ଦର୍ଯ୍ୟ ଶୈଳୀରେ ଆଲୋକପାତ କରିଛନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: ଉକ୍ତ ପ୍ରାକ୍‌କଥନର ଶେଷରେ ମୌଲବୀ ଶେର୍ ଅଲୀ ସାହେବଙ୍କ ସେହି ଅତୁଳନୀୟ ସେବାର ସ୍ୱୀକାରୋକ୍ତି ଏବଂ ପ୍ରଶଂସା ପ୍ରକାଶ କରିଦେବାକୁ ଚାହେଁ ଯେ, (କୃତଜ୍ଞତା ଏବଂ ସ୍ୱୀକାରୋକ୍ତି ବିଷୟବସ୍ତୁ ଅନୁଯାୟୀ) ଆପଣ ର.ଅଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମୁଁ ଏହା ମଧ୍ୟ କହିଦେବାକୁ ଚାହେଁ ଯେ, ସେ ଅସୁସ୍ଥ ହେବା ସତ୍ତ୍ୱେ ପବିତ୍ର କୁରଆନ୍ କରୀମ୍‌ର ଇଂରାଜୀରେ ଅନୁବାଦ କରିବା ସଂକ୍ରାନ୍ତରେ ରହିଛି । ସେହିପରି ମଲକ୍ ଗୁଲାମ୍ ଫରିଦ୍ ସାହେବ୍, ସ୍ୱର୍ଗତ ଖାନ୍ ବାହାଦୁର୍ ଚୌଧୁରୀ ଅବୁ ଇଲ୍‌ହା ଶମ୍ ଖାନ୍ ସାହେବ ଓ ମିର୍ଜା ବଶୀର୍ ଅହେମଦ୍ ସାହେବ ମଧ୍ୟ କୃତଜ୍ଞତାର ପାତ୍ର ଅଟନ୍ତି। ସେ ମୋର ଅନୁବାଦ, ବ୍ୟାଖ୍ୟାତ୍ମକ ନୋଟ୍ (ଟିପ୍ପଣୀ) ଆଦି ବିଭିନ୍ନ ଭାଷଣ ଏବଂ ପୁସ୍ତକ ତଥା ଅଧ୍ୟାପନାର ସାରାଂଶ ବାହାର କରି ଉଲ୍ଲେଖ କରି ଦେଇଛନ୍ତି । ଆପଣ ର.ଅ ପୁନଶ୍ଚ ତହିଁରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଏହା ମଧ୍ୟ କହି ଦେବାକୁ ଚାହେଁ ଯେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଶିଷ୍ୟତ୍ୱ ହେବା ଯୋଗୁଁ ମୋ ତଫ୍‌ସିର୍‌ରେ ଅନେକ ବିଷୟବସ୍ତୁ ଅନିର୍ବାର୍ଯ୍ୟ ରୂପେ ତାଙ୍କ ତଫସିରରୁ ଆନୀତ (ବର୍ଣ୍ଣିତ ହୋଇଛି) ଯେଉଁ ବିଷୟବସ୍ତୁଗୁଡ଼ିକୁ ମୁଁ ସ୍ୱୟଂ ମହୋଦୟଙ୍କ ଠାରୁ ଆହରଣ କରିଛି । ଅତଃ ଉକ୍ତ ତଫ୍‌ସିରରେ ହ. ମସିହ୍ ମଉଦ୍ ଅ.ସଙ୍କ ତଫ୍‌ସିର୍, ଖଲିଫା ଅୱଲ୍‌ଙ୍କ ତଫ୍‌ସିର ଓ ମୋର ତଫ୍‌ସିର୍ ମଧ୍ୟ ଆସିଯିବ । କାରଣ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ନିଜର ପୂଣ୍ୟାତ୍ମା ଦ୍ୱାରା ସ୍ପର୍ଶିତ କରି ସେହି ଅଲୌକିକ ଜ୍ଞାନ ଦ୍ୱାରା ପୁରସ୍କୃତ କରିଥିଲେ ଯାହାକି ଏହି ଯୁଗ ନିମନ୍ତେ ତାହା ଆବଶ୍ୟକ ଅଟେ । ଏଣୁ ମୁଁ ଆଶାକରେ କି ଉକ୍ତ ତଫ୍‌ସିର ମାଧ୍ୟମରେ ଅନେକ ରୋଗୀ ଆରୋଗ୍ୟ ଲାଭ ପାଇବେ । ଅନେକ ଅନ୍ଧ ବ୍ୟକ୍ତିମାନେ ଏହା ମାଧ୍ୟମରେ ଆଧ୍ୟାତ୍ମିକ ଦୃଷ୍ଟିଶକ୍ତି ଫେରି ପାଇବେ । ସେ ଯାହା ହେଉ ନା କାହିଁକି ଶ୍ରବଣଶକ୍ତି ହୀନ ବ୍ୟକ୍ତିମାନେ ଶ୍ରବଣତ୍ୱ ଫେରି ପାଇବେ, ବାଚାଳ ବାକ୍‌ଶକ୍ତି ଫେରି ପାଇବ, ପଙ୍ଗୁ ବ୍ୟକ୍ତି ଚାଲିବାକୁ ଲାଗିବ ଏବଂ ଅଲ୍ଲାଃତାଲାଙ୍କ ଦେବଦୂତମାନେ ଏହି ନିବନ୍ଧକୁ କଲ୍ୟାଣ ପ୍ରଦାନ କରିବେ ଏବଂ ଯେଉଁ ଅଭିପ୍ରାୟ ନିମନ୍ତେ ଏହା ପ୍ରକାଶ କରାଯାଉଅଛି ସେହି ଅଭିପ୍ରାୟକୁ ତାହା ପୂର୍ଣ୍ଣ କରିବ। **ଅଲ୍ଲାହୁମ୍ମା ଆମିନ୍** । (ହେ ପ୍ରଭୁ ଏହା ହିଁ ହେଉ) **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-507-508)**

ଅଲ୍ଲାମା ନିୟାଜ ଫତେହ୍ ପୁରୀ ସାହେବ ଯେକି ଜଣେ ବିଖ୍ୟାତ ଲେଖକ, ଗେବେଷକ ଥିଲେ ମାସିକ୍ ପତ୍ରିକା 'ନିଗାର୍'ର ସଂପାଦକ ଥିଲେ । ସେ ଅହେମଦି ନଥିଲେ, ସେ ତଫ୍‌ସିର୍ କବିର୍‌ର ଅଧ୍ୟୟନ କଲେ ତେବେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଏକ ପତ୍ରରେ ଉଲ୍ଲେଖ କଲେ ଯେ, ତଫ୍‌ସିର୍ କବିର୍ ଗ୍ରନ୍ଥଖଣ୍ଡ-3 ରେ ଆଜିକାଲି ମୋର ଦୃଷ୍ଟିଗୋଚର ହୋଇଚି ଏବଂ ମୁଁ ଏହାକୁ ଗଭୀର ଦୃଷ୍ଟିରେ ଅବଲୋକନ କରୁଅଛି । ଆପଣ ତଫ୍‌ସିର୍ କବୀର୍ ସଂକ୍ରାନ୍ତରେ କୁହନ୍ତି: "ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ ଯେ, ଆପଣ (ଅର୍ଥାତ ହ. ମୁସ୍‌ଲେହ୍ ମଉଦ୍ ର.ଅ)ଙ୍କ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ ସଂପୂର୍ଣ୍ଣ ଅନନ୍ୟ ଏବଂ ଆପଣ ଏକ ନୂତନ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଛନ୍ତି । ସ୍ୱକୀୟତା ଦୃଷ୍ଟିରୁ ଉକ୍ତ ତଫ୍‌ସିରଟି ସଂପୂର୍ଣ୍ଣ ରୂପେ ପ୍ରଥମ ଏବଂ ନୂତନ ତଫ୍‌ସିର୍ ଅଟେ । ଉକ୍ତ ତଫ୍‌ସିର୍‌ରେ ବୁଦ୍ଧି ଏବଂ ଲେଖନୀଗତ ଚମତ୍କାରିତାକୁ ଆପଣ ର.ଅ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବ୍ୟାଖ୍ୟା କରିଛନ୍ତି । ଆପଣଙ୍କ ଜ୍ଞାନଗତ ସାଗର, ଆପଣଙ୍କ ଦୂରଦର୍ଶିତା, ଆପଣଙ୍କ ଅସାଧାରଣ ଚିନ୍ତା ଓ ବୌଦ୍ଧିକତା, ଆପଣଙ୍କ ସୁନ୍ଦର ଢଙ୍ଗରେ ପ୍ରସଙ୍ଗକୁ ଉପସ୍ଥାପିତ କରି ସାବ୍ୟସ୍ତ କରିବା, ଯାହାକି ଗୋଟିଏ ଗୋଟିଏ ଶବ୍ଦରୁ ହିଁ ଅନନ୍ୟ ଅଟେ ।" ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୁଁ କାହିଁକି ଏପର୍ଯ୍ୟନ୍ତ ଅଜ୍ଞାତ ଓ ଅପରିଚିତ ରହିଥିଲି।" ହୁଜୁର ଅନ୍‌ୱର ଅ.ବ କହିଲେ: ମହୋଦୟ ନିୟାଜ ଫତେହ୍ ପୁରୀ ସାହେବ ଜଣେ ବିଦ୍ୱାନ୍ ଓ ଶିକ୍ଷିତ ବ୍ୟକ୍ତି ଅଟନ୍ତି । ତେଣୁ ସେ ଏପରି କଥା କହୁଛନ୍ତି । ନିୟାଜ୍ ସାହେବ୍ ପୁନଶ୍ଚ କୁହନ୍ତି ଯେ, "କାଲି ସୁରାହ୍ ହୁଦ୍‌ର ତଫ୍‌ସିର୍‌ରେ ହ. ଲୁତ୍ ଅ.ସଙ୍କ ଚିନ୍ତାଧାରା ସଂକ୍ରନ୍ତରେ ଅବଗତ ହୋଇ ମୁଁ ଉତ୍‌ଫୁଲ୍ଲିତ୍ ହୋଇଗଲି ଏବଂ ସହସା ପତ୍ର ଲେଖିବାକୁ ବାଧ୍ୟ ହୋଇଗଲି । ଆପଣ ର.ଅ هٰٓؤُلَآءِ بَنَاتِيْ **(ହୁଦ୍:78)**ର ବ୍ୟାଖ୍ୟା କରି ସାଧାରଣ ବ୍ୟାଖ୍ୟାକାରମାନଙ୍କ ଠାରୁ ଭିନ୍ନ ଯୁକ୍ତି ବାଢିଛନ୍ତି । ଏହାର ପ୍ରଶଂସା କରିବା ମୋ ପକ୍ଷେ ଦୁରୂହ ବ୍ୟାପାର ଅଟେ ।" **(ତାରିଖେ ଅହେମଦୟତ୍, ଗ୍ରନ୍ଥଖଣ୍ଡ-8, ପୃ-157-158)**

ପୁନଶ୍ଚ ଅନ୍ୟ ଏକ ପତ୍ରରେ ଉଲ୍ଲେଖ କରନ୍ତି ଯେ, "ମୁଁ ରାତ୍ରବେଳା ଅନିର୍ବାର୍ଯ୍ୟତାର ସହିତ ଅବଲୋକନ କରେ ଯେ, ମୋ ନିକଟରେ ଉକ୍ତ ବ୍ୟାଖ୍ୟାଟି ଉର୍ଦ୍ଦୁ ଭାଷାରେ ସଂପୂର୍ଣ୍ଣ ରୂପେ ପ୍ରଥମ ବ୍ୟାଖ୍ୟା ଅଟେ । ଏହା ଅନେକାଂଶରେ ମନୁଷ୍ୟର ମସ୍ତିଷ୍କକୁ ସନ୍ତୁଷ୍ଟ ଓ ଉଦ୍‌ବୁଦ୍ଧ କରିପାରିବ ।" ପୁନଶ୍ଚ କୁହନ୍ତି ଯେ, "ଉକ୍ତ ତଫ୍‌ସିର୍ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଯେଉଁ ସେବା ସମ୍ପାଦନ କରିଛନ୍ତି ତାହା ଏତେ ଉଚ୍ଚ ଯେ, ଆପଣ ର.ଅଙ୍କ ବିରୁଦ୍ଧରେ ମଧ୍ୟ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । وَذٰلِكَ فَضْلُ اللّٰهِ يُؤْتِيْهِ مَنْ يَّشَآءُ (ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-7, ପରିଚୟମୂଳକ ପୃଷ୍ଠା)"

ପୁନଶ୍ଚ ହାଇଦ୍ରାବାଦ୍‌ର ସେଠ୍ ମୁହମ୍ମଦ୍ ଆଜମ୍ ସାହେବ ନାମକ ଜଣେ ଅହେମଦି ଅଟନ୍ତି ସେ କୁହନ୍ତି: ଭାରତ ଓ ପାକିସ୍ତାନ ଭୂଖଣ୍ଡର ଜଣାଶୁଣା ବ୍ୟକ୍ତିତ୍ୱ ନୱାବ୍ ବାହାଦୁରୟାର୍ ଜଙ୍ଗ୍ ସାହେବ (ଯାହାଙ୍କ ସହିତ ସେଠ୍ ସାହେବଙ୍କ ଜ୍ୟେଷ୍ଠ ପୁତ୍ରଙ୍କର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା) ଏହି ବାହାଦୁରୟାର୍ ଜଙ୍ଗ୍ ସାହେବ ଅହେମଦି ନଥିଲେ । ତାଙ୍କ ସହିତ ତାଙ୍କର ସଂପର୍କ ଥିଲା । "ସେଠ୍ ସାହେବ କୁହନ୍ତି ଯେ, ନୱାବ୍ ବାହାଦୁରୟାର୍ ଜଙ୍ଗ୍ ସାହେବ ନିଜର ବନ୍ଧୁ ସହଚରମାନଙ୍କ ନିକଟରେ ତଫ୍‌ସିର୍ କବିରର ଅନେକ ସମୟ ଚର୍ଚ୍ଚା କରୁଥିଲେ ଓ ତା'ର ସମ୍ମାନର ଚର୍ଚ୍ଚା ମଧ୍ୟ କରୁଥିଲେ ଓ ତଫ୍‌ସିର୍‌ର ମର୍ଯ୍ୟାଦାର ସର୍ବଦା ସ୍ୱୀକାରୋକ୍ତି ପ୍ରକାଶ କରୁଥିଲେ ଏବଂ କହୁଥିଲେ ଯେ, ତଫ୍‌ସିର୍ କବିର୍‌ରେ ବର୍ଣ୍ଣିତ ପରିଚୟ ମାଧ୍ୟମରେ ସେ ଅନେକାଂଶରେ ଉପକୃତ ହୋଇଥିଲେ ।" **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-8, ପୃ-158)**

ପୁନଶ୍ଚ ସମ୍ମାନନୀୟ ଅଖ୍‌ତର୍ ଓରେନ୍‌ୱୀ ସାହେବ ଏମ୍.ଏ, ପାଟ୍‌ନା ବିଶ୍ୱବିଦ୍ୟାଳୟର ଉର୍ଦ୍ଦୁ ବିଭାଗର ବିଭାଗୀୟ ମୁଖ୍ୟ ନିଜର ଘଟଣା ବର୍ଣ୍ଣନା କରନ୍ତି: ମୁଁ ଗୋଟିଏ ପରେ ଗୋଟିଏ ହ. ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ଅହେମଦ୍ ସାହେବଙ୍କ ତଫ୍‌ସିର୍ କବିର୍‌ର କେତେକ ଗ୍ରନ୍ଥ ଖଣ୍ଡର ଅଧ୍ୟୟନ କଲି ।

ପାଟନା ମହାବିଦ୍ୟାଳୟର ଫାର୍ସି ଅଧ୍ୟକ୍ଷ ଅଧ୍ୟାପକ ଅବ୍‌ଦୁଲ୍ ମନ୍ନାନ୍ ବେଦିଲ୍

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସାହେବ କୁହନ୍ତି: ପାଟନା ସ୍ଥିତ ସବିନା ମହାବିଦ୍ୟାଳୟର ବର୍ତ୍ତମାନିକ ଅଧ୍ୟକ୍ଷ ସେବାରେ ଉପସ୍ଥାପିତ କଲେ ଏବଂ ସେ ସେହି ତଫ୍‌ସିର୍‌ଗୁଡ଼ିକୁ ପାଠ କରି ଏତେ ମାତ୍ରାରେ ପ୍ରଭାବିତ ହେଲେ ଯେ, ସେ ପାଟ୍‌ନା ସ୍ଥିତ ମାଦ୍ରାସା ଆରବିୟା ଶମ୍‌ଶୁଲ୍ ହୁଦାର ଆଚାର୍ଯ୍ୟଙ୍କୁ ମଧ୍ୟ ତଫସିର୍‌ର କେତେକ ଗ୍ରନ୍ଥଖଣ୍ଡ ପାଠ କରିବା ନିମନ୍ତେ ଦେଲେ ଓ ଦିନେ ସେ ଅନେକ ଆଚାର୍ଯ୍ୟ ବା ଅଧ୍ୟାପକଙ୍କୁ ଡକାଇ ସେମାନଙ୍କ ଚିନ୍ତାଧାରା ବ୍ୟକ୍ତ କରିବାକୁ କହିଲେ । ଜଣେ ଆଚାର୍ଯ୍ୟ କହିଲେ ଯେ, ଫାର୍ସି ତଫ୍‌ସିରରେ ଏପରି ତଫସିର୍ (ବ୍ୟାଖ୍ୟା) ଦୁର୍ଲଭ ଅଟେ । ଅଧ୍ୟାପକ ଅବ୍‌ଦୁଲ୍ ମନ୍ନାନ୍ ସାହେବ ପଚାରିଲେ ଯେ, ଆରବୀ ତଫ୍‌ସିର୍ ସଂକ୍ରାନ୍ତରେ ଆପଣଙ୍କର କ'ଣ ମତାମତ ରହିଛି ? ଆଚାର୍ଯ୍ୟ ନୀରବ ରହିଲେ । କିଛି ସମୟ ଗଲାପରେ ସେମାନଙ୍କ ମଧ୍ୟରୁ ଜଣେ ଆଚାର୍ଯ୍ୟ କହିଲେ, ପାଟନା ଠାରେ ସଂପୂର୍ଣ୍ଣ ଆରବୀୟ ତଫସିର୍ ଉପଲବ୍ଧ ନାହିଁ । ମିସର, ସିରୀୟା ଆଦି ଦେଶର ତଫ୍‌ସିରର ଅଧ୍ୟୟନ କରି ସାରିବା ପରେ ହିଁ ସଠିକ୍ ସିଦ୍ଧାନ୍ତରେ ଉପନୀତ ହୋଇପାରିବା । ଅଧ୍ୟାପକ ମହୋଦୟ ପୁରାତନ ଆରବ୍ୟ ତଫସିର୍‌ର ଚର୍ଚ୍ଚା ଆରମ୍ଭ କଲେ ଓ କହିଲେ: "ମିର୍ଜା ମେହମୁଦ୍‌ଙ୍କ ତଫସିର୍ ପରି ଅନ୍ୟ କୌଣସି ଭାଷାରେ ଦେଖିବାକୁ ମିଳୁ ନାହିଁ । ଆପଣ ନୂତନ ତଫ୍‌ସିର୍ ମିସର୍ ଓ ସିରୀୟ ଠାରୁ ବରାଦ୍ କରି ନିଅନ୍ତୁ ଓ କିଛି ମାସ ପରେ ମୋ ସହିତ କଥା ହୁଅନ୍ତୁ । ଯେଉଁ ଆରବୀୟ ଓ ଫାର୍ସିର ବିଦ୍ୱାନ୍‌ମାନେ ବସିଥିଲେ ସେମାନେ ସ୍ତମ୍ଭୀଭୂତ ହୋଇଗଲେ ।" **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-8, ପୃ-158-159)**

ପୁନଶ୍ଚ ମୌଲବୀ ମଜ୍‌ହର୍ ଅଲୀ ସାହେବ ଅଜ୍‌ହର ନାମକ ଜଣେ ଏହ୍‌ରାରୀ ନେତା ନିଜର ପୁସ୍ତକ "ଏକ୍ ଖତରନାକ୍ ସାଜିଶ୍" (ଏକ ଭୟଙ୍କର ଷଡ଼୍‌ୟନ୍ତ୍ର)ରେ ଉଲ୍ଲେଖ କରନ୍ତି ଯେ, ମୌଲବୀ (ଜଫର୍ ଅଲୀ ଖାନ୍) ସାହେବ କହିଲେ: ଅହେମଦିମାନଙ୍କର ବିରୋଧ ଆଢୁଆଳରେ ଏହ୍‌ରାରୀମାନେ ଖୁବ୍ ଉତ୍କୋଚ ନେଇଛନ୍ତି । ଅହେମଦିମାନଙ୍କର ବିରୋଧର ଏହ୍‌ରାରମାନେ କେବଳ ଟଙ୍କା ଲୋଭରେ ଭଣ୍ଡାମୀ କରୁଥିଲେ । ଟଙ୍କା ପଇସା ଏକତ୍ରତ କରିବା ପାଇଁ କାଦିଆନୀମାନଙ୍କୁ ଆଳ କରି ଗରିବ ମୁସଲମାନମାନଙ୍କର ଝାଳବୁହା ଧନ ହଡ଼ପ କରୁଛନ୍ତି । ସେହି ଏହ୍‌ରାର୍‌ମାନଙ୍କୁ କେହି ପଚାରୁ ତ' ହେ ସାଧୁଗଣ ! ତୁମେମାନେ ମୁସଲମାନମାନଙ୍କୁ କ'ଣଟା ଶୃଙ୍ଖଳିତ କଲ ? ତୁମେମାନେ କେଉଁ ଇସ୍‌ଲାମୀୟ ସେବା ସମ୍ପାଦନ କଲ ? କ'ଣ ତୁମେମାନେ ଭୁଲରେ ବି ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର କରିଛ କି ?" ହେ ଏହ୍‌ରାରୀମାନେ କାନ ଖୋଲି ଶୁଣିନିଅ! (ମଜ୍‌ହର୍ ଅଲୀ ସାହେବ ନିଜେ ଏହ୍‌ରାରୀ ଅଟନ୍ତି) ସେ ଏକଥା କହୁଛନ୍ତି ଯେ, ହେ ଏହ୍‌ରାରୀମାନେ କାନ ଖୋଲି ଶୁଣିନିଅ ! ତୁମେମାନେ ଓ ତୁମର ସହଯୋଗୀ ବନ୍ଧୁମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ମିର୍ଜା ମେହ୍‌ମୁଦର ମୁକାବିଲା କରିପାରିବ ନାହିଁ । ମିର୍ଜା ମେହମୁଦ୍ ନିକଟରେ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ ରିହଛି । ତୁମ ପାଖରେ କିଛି ବି ନାହିଁ । ତୁମମାନଙ୍କ ମଧ୍ୟରେ ଏପରି କେହି ବ୍ୟକ୍ତି ଅଛି ଯିଏ ପବିତ୍ର କୁରଆନ୍ କରୀମର ଅକ୍ଷରଟିଏ ପଢି ପାରିବ ? ତୁମେମାନେ ସ୍ୱପ୍ନରେ ସୁଦ୍ଧା ପବିତ୍ର କୁରଆନ୍ କରୀମ ପଢି ନାହଁ । ତୁମେମାନେ ନିଜ ତ' କିଛି ଜାଣି ନାହଁ ଅନ୍ୟକୁ କ'ଣ ବା ଶିକ୍ଷା ଦେବ ? ମିର୍ଜା ମେହ୍‌ମୁଦ୍‌ର ବିରୋଧ ତୁମର ଦେବଦୂତମାନେ ମଧ୍ୟ କରିପାରିବେ ନାହିଁ । ମିର୍ଜା ମେହ୍‌ମୁଦ ନିକଟରେ ଏପରି ଜମାଅତ୍ (ଗୋଷ୍ଠୀ) ରହିଛି ଯିଏ ଧନ, ମନ ଓ ପ୍ରାଣ ଦେଇ ତାଙ୍କ ଇଙ୍ଗିତରେ ତାଙ୍କ ପାଦ ତଳେ ଅଜାଡ଼ି ଦେବାକୁ ପ୍ରସ୍ତୁତ ଅଟନ୍ତି । ତୁମ ନିକଟରେ କେବଳ ଅପଶବ୍ଦ, ନିନ୍ଦା ଅପବାଦ ଓ ଗାଳିଗୁଲଚ ବ୍ୟତୀତ ଅନ୍ୟ କିଛି ନାହିଁ । ତୁମର ବିଶ୍ୱାସଘାତକୁ ଧିକ୍କାର ଅଟେ ।" ମୌଲବୀ ମଜ୍‌ହଲ୍ ଅଲୀ ସାହେବ ପୁନଶ୍ଚ କୁହନ୍ତି: "ମିର୍ଜା ମେହ୍‌ମୁଦ୍ ନିକଟରେ ମୁବଲ୍ଲିଗ୍‌ମାନେ ଅଛନ୍ତି । ବିଭିନ୍ନ ବିଦ୍ୟାର ଅଭିଜ୍ଞ ବ୍ୟକ୍ତିମାନେ ରହିଛନ୍ତି । ସଂସାରର ପ୍ରତ୍ୟେକ ରାଷ୍ଟ୍ରରେ ସେମାନେ ନିଜର ଧ୍ୱଜା ରୋପଣ କରିଛନ୍ତି । ମୁଁ ସତ୍ୟ କହିବାକୁ ପଛାଇ ପାରିବି ନାହିଁ । ମୁଁ ଏହି କଥା ଅବଶ୍ୟ କହିବି ଯେ, ତୁମେମାନେ ଯଦି ମିର୍ଜା ମେହମୁଦ୍‌ର ବିରୋଧ କରିବ ତେବେ ସର୍ବ ପ୍ରଥମେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରାପ୍ତ କର । ମୁବଲ୍ଲିଗ୍ (ପ୍ରଚାରକ) ପ୍ରସ୍ତୁତ କର । ଆରବିକ ମାଦ୍ରାସା ସ୍ଥାପନ କର । ଅନ୍ୟ ରାଷ୍ଟ୍ରରେ ସେମାନଙ୍କ ବିପକ୍ଷରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ କର । ଏଇଟା କ'ଣ ଶିଷ୍ଟତା ଯେ, ମିର୍ଜାଇମାନଙ୍କୁ ଗାଳି ଗୁଲଚ କରିବା ସେମାନଙ୍କୁ ଅପଶବ୍ଦ କରିବା ଇତ୍ୟାଦି। ଏପରି କରିବା ଦ୍ୱାରା କ'ଣ ଇସ୍‌ଲାମ୍ ଧର୍ମର ତବଲିଗ୍ ଓ ମଙ୍ଗଳ ହୋଇଯିବ? ଏପରି କରିବା ଦ୍ୱାରା ଇସ୍‌ଲାମ୍ ଧର୍ମର ପବିତ୍ର ଭୂମି କଳୁଷିତ କରିବା ସହିତ ସମାନ ଅଟେ ।" **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-6, ପୃ-513)**

ଲାହୋର୍‌ର ଇମ୍ରୋଜ୍ ନାମକ ସମ୍ବାଦପତ୍ର 1966 ମସିହା ମେ ମାସ 30 ତାରିଖର ପ୍ରକାଶନରେ ତଫସିର୍ କବିର୍‌ର ଆଲୋଚନା ପ୍ରସଙ୍ଗରେ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ହେଉଛି ସମଗ୍ର ସଂସାରରେ ମାନବ ଜାତି ପାଇଁ ମାର୍ଗଦର୍ଶନର ସ୍ରୋତସ୍ୱତୀ ନିର୍ଝର । ଆଦି କାଳରୁ ଚିରକାଳ ପର୍ଯ୍ୟନ୍ତ ସଂସାର ଯେଉଁ ପର୍ଯ୍ୟନ୍ତ ଅଛି ସେପର୍ଯ୍ୟନ୍ତ ଉକ୍ତ ଧର୍ମଗ୍ରନ୍ଥଟି ଜାଜ୍ୱଲ୍ୟମାନ ହୋଇ ମନୁଷ୍ୟମାନଙ୍କୁ ନିଜର ଧାର୍ମିକ ଓ ସାଂସାରିକ ପ୍ରସଙ୍ଗରେ ନ୍ୟାୟର ମାର୍ଗ ଦେଖାଉଥିବ ଏବଂ ମାର୍ଗଭ୍ରଷ୍ଟମାନଙ୍କୁ ସଦ୍‌ମାର୍ଗ ଆଡ଼କୁ ଆକର୍ଷିତ କରୁଥିବ । ଏପରି ହୁଅନ୍ତା କି ବିଦ୍ୱାନ୍‌ମାନେ ଏହି ମର୍ମକୁ ବୁଝି ନିଅନ୍ତେ । ପବିତ୍ର କୁରଆନ୍ କରୀମ୍ ଏକ ସଂପୂର୍ଣ୍ଣ ମନୋଜ୍ଞ ଜୀବନ ଶୈଳୀ ଅଟେ । ଜୀବନର କୌଣସି ବିଭାଗ, କୌଣସି କୋଣ ଓ କୌଣସି ଅବସ୍ଥା ବା ସ୍ତର ନାହିଁ ଯେଉଁଠି ଆମାମେନେ ପବିତ୍ର କୁରଆନ୍ କରୀମ୍‌ରୁ ସାହାଯ୍ୟ ଲୋଡ଼ି ପାରିବୁ ନାହିଁ । କିନ୍ତୁ ଏଥିପାଇଁ ପବିତ୍ର କୁରଆନ୍ କରୀମ୍‌ର ଅର୍ଥକୁ ଆୟତ୍ତ କରିବା ବିଧେୟ । ଯେପର୍ଯ୍ୟନ୍ତ ପବିତ୍ର କୁରଆନ୍ କରୀମ୍‌ରେ ପ୍ରଭୁଙ୍କ ଆଦେଶାବଳୀ ତଥା ଆଜ୍ଞାଗତ ଶୈଳୀର ସମ୍ୟକ ଅର୍ଥ ଅବବୋଧ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ମାର୍ଗଦର୍ଶନର ପରମ୍ପରା କିପରି ଆରମ୍ଭ ହୋଇପାରିବ ।" ତେଣୁ ଏହାକୁ ବୁଝିବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଅଟେ । ତେବେ ଯାଇ ଜ୍ଞାତ ହେବ ଯେ, ତହିଁରେ କ'ଣ ଉଲ୍ଲିଖିତ ହୋଇଛି ? ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ପବିତ୍ର କୁରଆନ୍ କରୀମ୍‌ର ଅର୍ଥର ବ୍ୟାଖ୍ୟା ଓ ବିସ୍ତୃତ ବ୍ୟାଖ୍ୟାର ପୁଙ୍ଖାନୁପୁଙ୍ଖ ପରମ୍ପରା ଆରମ୍ଭ ହେଲା ଓ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେବା ପୂର୍ବରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଓ ପୁନଶ୍ଚ ଶେଷ ପର୍ଯ୍ୟନ୍ତ ଏହି ପରମ୍ପରା ଅବ୍ୟାହତ ରହିବ । ଯେଉଁ ଲୋକମାନେ ପବିତ୍ର କୁରଆନ୍ କାରୀମ୍‌ର ଅର୍ଥକୁ ସର୍ବସାଧାରଣ ଓ ସରଳ କରିବା ଦିଗରେ କୌଣସି ଅବଦାନ ବା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ସେମାନେ ନିଃସନ୍ଦେହରେ କୃତଜ୍ଞତାର ପାତ୍ର ଅଟନ୍ତି । ତେଣୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ବ୍ୟାଖ୍ୟାକାରମାନେ ନିଜ ନିଜ ସମୟରେ ପବିତ୍ର କୁରଆନ୍‌ର ପ୍ରତିଭା ଜନିତ ଆଲୋକକୁ ସର୍ବସାଧାରଣ କରିବା ପାଇଁ ଯେଉଁ ଅତୁଳନୀୟ ଅବଦାନ ବା ଭୂମିକା ନିର୍ବାହ କରିଛନ୍ତି ସେହି ଦୃଷ୍ଟିରୁ ବିଚାର କଲେ ସେମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅତଃ ଏହିପରି ଭାବରେ ପବିତ୍ର କୁରଆନ୍ କରୀମ୍‌ର ଏକ ନିୟମିତ ଆହ୍ୱାନ ଜନିତ ରୂପ ଧାରଣ କରିନେଲା ଓ ଅର୍ଥ ଏବଂ ମର୍ମର ଲାଳିତ୍ୟ ସମ୍ପନ୍ନତାର ଅଧ୍ୟାୟରେ ଜିଜ୍ଞାସାର ଏକ ବଳିଷ୍ଠ ବର୍ଣ୍ଣନା ସ୍ଥାପିତ ହୋଇଯାଇଛି । رحمه الله । ଲାହୋର୍‌ର ସମ୍ବାଦପତ୍ର ଇମ୍ରୋଜ୍ ତଫ୍‌ସିର୍ ସଗିର୍ ସଂକ୍ରାନ୍ତରେ ଉଲ୍ଲେଖ କଲା ଯେ, ବର୍ତ୍ତମାନ ସମୟକୁ ଦୃଷ୍ଟିରେ ରଖି କେବଳ ତଫ୍‌ସିର୍ ହିଁ ଆବଶ୍ୟକତା ରହିଛି । ଉକ୍ତ ତଫ୍‌ସିରଟି ଜମାଅତ୍ ଅହେମଦିୟର ଧର୍ମଗୁରୁ ସ୍ୱର୍ଗତ ଅଲ୍‌ହାଜ୍ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍‌ଙ୍କ ପ୍ରଚେଷ୍ଟା ଏବଂ ଚିନ୍ତାଧାରାର ଚୂଡ଼ାନ୍ତ ପ୍ରତିଫଳନ ଅଟେ । ପବିତ୍ର କୁରଆନ୍ କରୀମ୍‌ର ଆରବୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ସହିତ ଅନେକ ସ୍ଥାନରେ ସ୍ପଷ୍ଟୀକରଣ ନିମନ୍ତେ ବିଶିଷ୍ଟ ଦ୍ରଷ୍ଟବ୍ୟ ଏବଂ ବ୍ୟାଖ୍ୟାତ୍ମକ ବିବରଣୀ ଓ ଟିପ୍ପଣୀ ପ୍ରଦାନ କରାଯାଇଛି । ଅନୁବାଦ ଓ ବିଶିଷ୍ଟ ଦ୍ରବ୍ୟର ବିସ୍ତୃତ ଟିପ୍ପଣୀ ଅତ୍ୟନ୍ତ ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ପ୍ରଦାନ କରାଯାଇଛି ।" **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-19, ପୃ-541-542)**

ସାପ୍ତାହିକ କିନ୍ଦିଲ୍ ୧୯ ଜୁନ୍ ୧୯୬୬ ମସିହାରେ ଉଲ୍ଲେଖ କଲା ଯେ, ଅଞ୍ଜୁମନ ହିମାୟତେ ଇସ୍‌ଲାମ୍ ଲାହୋର୍ ଓ ତାଜ୍ କମ୍ପାନୀ ଲିମିଟେଡ୍ ପକ୍ଷରୁ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶରେ ଯେଉଁ ଉତ୍ସାହ, ଇଚ୍ଛାଶକ୍ତି, ସହୃଦୟତା, ରସିକତା ଏବଂ ଅଭିରୁଚିର ପ୍ରମାଣ ଦେଉଥିଲେ ତାହା ପ୍ରଶଂସନୀୟ ଅଟେ । ପୁନଶ୍ଚ ତଫସିର୍ ସଗିରର ସଂକ୍ରାନ୍ତରେ ସାପ୍ତାହିକ କିନ୍ଦିଲ୍ କୁହେ ଯେ, ତଫ୍‌ସିର୍

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

**(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Abdul Malik, S/o- Late Abdur Rahman,
Jamat Ahmadiya Karadapalli (Odisha)

ସଗିର୍‌ର ପ୍ରକାଶନରୁ ସେହି ପ୍ରଶଂସନୀୟ ଉଦ୍ୟମରେ ଅଭିବୃଦ୍ଧି ଘଟିଛି । ତଫ୍‌ସିର୍ ସଗିର୍‌ରେ ଅନୁବାଦ ଓ ଇମାମ୍ ଜମାଅତ୍ ଅହେମଦିୟା ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦଙ୍କ ଚିନ୍ତାଧାରା ଓ ଜିଜ୍ଞାସାର ପରିଣାମ ଅଟେ । ଅନୁବାଦ ଏବଂ ବିଶିଷ୍ଟ ଦ୍ରଷ୍ଟବ୍ୟର ଭାଷାବୋଧ ଅତ୍ୟନ୍ତ ବୋଧଗମ୍ୟ ଓ ସରଳ ଅଟେ । କାରଣ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ତହିଁରୁ ଉପକୃତ ହୋଇପାରିବ । ଅନୁବାଦ ଏବଂ ତଫ୍‌ସିରରେ ଏହି ଶୃଙ୍ଖଳା ଏବଂ ବ୍ୟବସ୍ଥା ମଧ୍ୟ ରହିଛି ଯେ, ସମସ୍ତ ପୂର୍ବ ବ୍ୟାଖ୍ୟାକାରୀମାନଙ୍କର ବ୍ୟଖ୍ୟାକୁ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖାଯାଇଛି । ପବିତ୍ର କୁରଆନ୍‌କୁ ଏତେ ସୁନ୍ଦର ଏବଂ ଚମତ୍କାର ଢଙ୍ଗରେ ପ୍ରକାଶ ତଥା ଉପସ୍ଥାପନ କରିବା ଇସ୍‌ଲାମ୍ ଧର୍ମର ଏକ ମହାନ୍ ସେବା ଅଟେ । **(ଅଲ୍ ଫଜଲ୍, 23 ଜୁନ୍ 1996 ମସିହା, ପୃ-5)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ପାକିସ୍ତାନ୍‌ର ବିଦ୍ୱାନ୍‌ମାନେ କୁହନ୍ତି ଯେ, ଉକ୍ତ ତଫ୍‌ସିର୍‌ରେ ପରିବର୍ତ୍ତନ କରାଯାଇଛି । ତେଣୁ ଏହାକୁ ବ୍ୟାନ୍ (ନିଷିଦ୍ଧ) କରାଯାଇଛି । ଅର୍ଥାତ୍ ପାକିସ୍ତାନ୍‌ରେ ତଫ୍‌ସିର୍ ସଗିର୍ ବ୍ୟାନ୍ କରାଯାଇଛି । କୌଣସି ବ୍ୟକ୍ତି ଉକ୍ତ ତଫ୍‌ସିରକୁ ନିଜ ଘରେ ରଖିପାରିବ ନାହିଁ । ହୁଜୁର ଅନ୍‌ୱର୍ କହୁନ୍ତି ପୁରୁଣା ନ୍ୟାୟପ୍ରିୟ ଅଣଅହେମଦିମାନେ କୁହନ୍ତି ଯେ, ପାକିସ୍ତାନ୍‌ରେ ଏହି ପ୍ରକାରର କୌଣସି ବସ୍ତୁ (ତଫ୍‌ସିର୍) ନାହିଁ । ଏହା ଅତ୍ୟନ୍ତ ପ୍ରଶଂସନୀୟ ବସ୍ତୁ ଅଟେ ଏବଂ ତହିଁରୁ ମନୁଷ୍ୟ ଅନେକ କିଛି ଶିକ୍ଷା ବା ଜ୍ଞାନ ଆହରଣ କରିପାରିବ । ଅଲ୍ଲାଃତାଲା ସାଂପ୍ରତିକ ସମୟରେ ମଧ୍ୟ ବିଦ୍ୱାନ୍‌ମାନଙ୍କୁ ନ୍ୟାୟ ଚକ୍ଷୁରେ ପ୍ରସଙ୍ଗକୁ ଦେଖିବାକୁ ସମାର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ପୁନଶ୍ଚ ଇଂରାଜୀ ତଫ୍‌ସିର୍ କୁରଆନ୍‌ର ଧାର୍ମିକ ତଥା ସାହିତ୍ୟିକ ସୌନ୍ଦର୍ଯ୍ୟତା ୟୁରୋପର ତୁଙ୍ଗ ବିଦ୍ୱାନ୍ ମନୀଷୀ ଏବଂ ବୁଦ୍ଧିଜୀବିମାନଙ୍କୁ ମଧ୍ୟ ପ୍ରଭାବିତ କଲା। ସେମାନେ ଏହାର ଭବ୍ୟ ସମୀକ୍ଷା ଏବଂ ସମାଲୋଚନା ପ୍ରଦାନ କଲେ। ଉଦାହରଣ ସ୍ୱରୂପ ବିଖ୍ୟାତ ବିଦ୍ୱାନ୍ ପଣ୍ଡିତ **ଏ. ଜେ. ଆର୍ ବ୍ରୀ** କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ଏହି ନୂତନ ଅନୁବାଦ ଓ ବ୍ୟାଖ୍ୟା ଏକ ବଳିଷ୍ଠ କୃତିତ୍ୱ ଅଟେ। ଏବେକାର ପ୍ରଥମ ଗ୍ରନ୍ଥଖଣ୍ଡ ସେହି କୃତିତ୍ୱର ପ୍ରଥମ ପାହାଚ ଅଟେ (ଅର୍ଥାତ୍ ଏ.ଜେ. ଆର୍ ବ୍ରୀଙ୍କୁ ପ୍ରଥମ ଗ୍ରନ୍ଥଖଣ୍ଡ ପ୍ରାପ୍ତ ହୋଇଥିଲା) । ଆର୍ ବ୍ରୀ ସାହେବ କୁହନ୍ତି: "ପନ୍ଦର ବର୍ଷ କାଳ ହେବ ଜମାଅତ୍ ଅହେମଦିୟା କାଦିଆନ୍‌ର ଜଣେ ବିଶିଷ୍ଟ ଗବେଷକ ବିଦ୍ୱାନ୍ ଏହି ଭବ୍ୟ ତଥା ମହାନ କାର୍ଯ୍ୟ ଆରମ୍ଭ କଲେ ଓ ଉକ୍ତ କାର୍ଯ୍ୟଟି ପୁଣ୍ୟଶ୍ଲୋକ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବଙ୍କ ପ୍ରୋତ୍ସାହନରେ ଓ ତାହାଙ୍କ ନେତୃତ୍ୱରେ ଅବ୍ୟାହତ ରହିଥିଲା । କାର୍ଯ୍ୟଟି ଅତ୍ୟନ୍ତ ଉଚ୍ଚମାନର ଥିଲା । ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ବାକ୍ୟାବଳୀର ଏପରି ଏକ ସଂସ୍କରଣ ପ୍ରକାଶିତ କରାଯାଇଛି ଏବଂ ଏଥିସହିତ ଏହାର ଅତ୍ୟନ୍ତ ସଠିକ୍ ଇଂରାଜୀ ଅନୁବାଦ ହୋଇଛି ଏବଂ ଅନୁବାଦ ସହିତ ଆୟତର ବ୍ୟାଖ୍ୟା ମଧ୍ୟ ହୋଇଛି ।" ଆର୍ ବ୍ରୀ ସାହେବ ପୁନଶ୍ଚ କୁହନ୍ତି ଯେ, "ତଫ୍‌ସିର୍‌ର ପ୍ରାରମ୍ଭରେ ଏକ ସବିଶେଷ ଦୀର୍ଘ ପ୍ରାକ୍‌କଥନ ମଧ୍ୟ ରହିଛି ଯାହାକୁ ସ୍ୱୟଂ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି । ଏହାକୁ ଯଦି ଇସ୍‌ଲାମ ଧର୍ମର ଜ୍ଞାନାଭିଳାଷୀ ଗବେଷଣାର ମହାନ ସ୍ମାରକ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରସ୍ତୁତି ପର୍ଯ୍ୟାୟରେ ପ୍ରାମାଣିକ ପୁସ୍ତକ, ବ୍ୟାଖ୍ୟାତ୍ମକ ପୁସ୍ତକ, ଭାଷାକୋଷ ଓ ଗବେଷଣା ଆଦିରୁ ଉପକୃତ ହୋଇଛନ୍ତି । ସେହି ପୁସ୍ତକର ବିସ୍ତୃତ ସୂଚୀକୁ ପାଠ କଲେ ପ୍ରଭାବିତ ଓ ଆଶ୍ଚର୍ଯ୍ୟ ଚକିତ ହେବାକୁ ପଡ଼େ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଉକ୍ତ ବ୍ୟାଖ୍ୟା ତଥା ଅନୁବାଦକୁ ପ୍ରସ୍ତୁତକାରୀମାନେ ନା କେବଳ ସମସ୍ତ ପ୍ରସିଦ୍ଧ ଆରବିକ ବ୍ୟାଖ୍ୟାକାରମାନଙ୍କୁ ଅଧ୍ୟୟନ ଅଧୀନ ରଖିଛନ୍ତି । ତାହା ନୁହେଁ ବରଂ ସେମାନଙ୍କ ସହିତ ଇଉରୋପୀୟ ପ୍ରାଚ୍ୟତତ୍ତ୍ୱ ବିତ୍‌ମାନେ ସମାଲୋଚନା ଢଙ୍ଗରେ ଯାହା କିଛି ଉଲ୍ଲେଖ କରିଛନ୍ତି ତାହାକୁ ମଧ୍ୟ ଦୃଷ୍ଟି ସମ୍ମୁଖରେ ରଖିଛନ୍ତି। ଯଦି କେବଳ ଅନୁବାଦ ଉପରେ ଦୃଷ୍ଟିପାତ କରାଯାଏ ତେବେ ଅନୁବାଦର ଇଂରାଜୀ, ନିର୍ଭୁଲ ଲିଖନ ଓ ଅତ୍ୟନ୍ତ ଶିଷ୍ଟ ତଥା ଶୃଙ୍ଖଳିତ ଅଟେ । ତହିଁରେ ଅଣମୁସଲମାନମାନଙ୍କ ଆପତ୍ତିର ଖଣ୍ଡନ ମଧ୍ୟ ଉଲ୍ଲେଖ ରହିଛି ଏବଂ ଅନ୍ୟ ଧର୍ମ ଉପରେ ଯଥୋଚିତ ସମାଲୋଚନା ମଧ୍ୟ ଅଣମୁସଲମାନ ପାଠକାରୀମାନଙ୍କୁ ଏହାର ଅନେକ ଅଂଶ ଏକ ପାଖିଆ ଓ ଆପତ୍ତିମୂଳକ ଢଙ୍ଗରେ ପ୍ରତୀୟମାନ ହେବ । କିନ୍ତୁ ସ୍ମରଣ ରହୁ କି ଏହି ଅଂଶଗୁଡ଼ିକ ଅତ୍ୟନ୍ତ ନିଷ୍ଠାର ସହିତ ଉଲ୍ଲେଖ କରାଯାଇଛି ଏବଂ ଅତ୍ୟନ୍ତ ଧ୍ୟାନର ସହିତ ଏହା ପଠନ ଯୋଗ୍ୟ ଅଟନ୍ତି । ତହିଁରୁ ଏହା ଜଣାପଡ଼େ ଯେ, ଧର୍ମପରାୟଣ ଓ ବିଦ୍ୱାନ ମନୀଷୀ ମୁସଲମାନମାନେ ଯେତେବେଳେ ଅନ୍ୟ ଧର୍ମାବଲମ୍ବୀମାନଙ୍କର ବର୍ଣ୍ଣନାତ୍ମକ ପାରମ୍ପରିକ ଶିକ୍ଷା ଉପରେ ଆପତ୍ତି କରନ୍ତି ତେବେ ସେମାନେ ଏପରି କାହିଁକି କରୁଛନ୍ତି କେ ଜାଣି?" **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-10, ପୃ-672-673)**

ସେହିପରି ଆମେରିକା ସ୍ଥିତ ଆମଷ୍ଟରଡ୍ୟାମ୍ ନର୍ଥ ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ଜଣେ ଇତିହାସ ଓ ଧର୍ମସାହିତ୍ୟ ବିଭାଗର ସଭାପତି ଯାହାଙ୍କ ନାମ ହେଲା ଡଃ. ଚାର୍ଲସ୍ ଏସ୍. ବ୍ରେଡ଼ିନ୍ । ସେ ଉଲ୍ଲେଖ କରନ୍ତି ଯେ, ପୁସ୍ତକର ପ୍ରକାଶନ ଅତ୍ୟନ୍ତ ଉତ୍କୃଷ୍ଟମାନର ଅଟେ । ଅତି ସହଜରେ ଜଣେ ବ୍ୟକ୍ତି ଏହାକୁ ପଢି ପାରିବ । ସମଗ୍ର ଇଂରାଜୀ ଭାଷା ସାହିତ୍ୟ ଦୃଷ୍ଟିରୁ ତହିଁରେ ଅଶାତୀତ ଅତିରିକ୍ତ ଅଭିବୃଦ୍ଧି କରିଥିବା ହେତୁ ସମଗ୍ର ପୃଥିବୀବାସୀ ଜମାଅତ୍ ଅହେମଦିୟା ପ୍ରତି ଅତ୍ୟନ୍ତ କୃତଜ୍ଞ ଅଟନ୍ତି। **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-10, ପୃ-674)**

ପୁନଶ୍ଚ ଅନ୍‌ନସର ନାମକ ଏକ ପରିଚିତ ତଥା ବହୁ ଚର୍ଚ୍ଚିତ ଖ୍ରୀଷ୍ଟ ସମ୍ବାଦ ପତ୍ର ଉଲ୍ଲେଖ କରେ ଯେ, ଜମାଅତ୍ ଅହେମଦିୟା ଆମେରିକା ଓ ଇଉରୋପ ଭଳି ମହାଦେଶରେ ଇସ୍‌ଲାମୀୟ ସଂସ୍କୃତିର ବହୁଳ ମାତ୍ରାରେ ପ୍ରଚାର ପ୍ରସାରର କାର୍ଯ୍ୟ କରିଛି । ଏହି କାର୍ଯ୍ୟ ଜମାଅତ୍ ଅହେମଦିୟାର ମୁବଲ୍ଲିଗିନ୍‌ମାନଙ୍କ ମାଧ୍ୟମରେ କ୍ରମାଗତ ଏବଂ ନିରନ୍ତର ଭାବରେ ସମ୍ପାଦିତ ହେଉଅଛି । ବିଭିନ୍ନ ପୁସ୍ତକ ଏବଂ ପତ୍ରିକାର ପ୍ରକାଶନ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଶ୍ରେଷ୍ଠତ୍ୱ ଏବଂ ହ. ମୁହମ୍ମଦ ସ.ଅଙ୍କ ସତ୍ୟତାକୁ ବର୍ଣ୍ଣନା କରାଯାଇଥାଏ । ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ଇଂରାଜୀ ଭାଷାରେ ଅନୁବାଦ ଦେଖି ଅତ୍ୟଧିକ ପ୍ରସନ୍ନିତ ହେଲୁ। ଏହି ଅନୁବାଦ ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଯେକି ଜମାଅତ୍ ଅହେମଦିୟାର ଇମାମ୍ (ଧର୍ମଗୁରୁ) ଅଟନ୍ତି ତାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଅଛି । ପବିତ୍ର କୁରଆନ୍ କରୀମ୍‌ର ସାଂଶ୍ଳେଷିକ ଦୃଷ୍ଟି ତାହାର ପାଠକମାନଙ୍କ ପାଇଁ ଶୀତଳ ଚକ୍ଷୁର କାରଣ ଅଟେ । ଉକ୍ତ ଅନୁବାଦଟି ଅତ୍ୟନ୍ତ ଉଚ୍ଚ ସମ୍ପନ୍ନ ଚିନ୍ତାଧାରର ପରିପ୍ରକାଶକ ଅଟେ । ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଏକ ସ୍ତମ୍ଭରେ ଉଲ୍ଲିଖିତ ରହିଥିବା ବେଳେ ଅନ୍ୟ ସ୍ତମ୍ଭରେ ସେହି ଆୟତ୍‌ର ଅନୁବାଦ ଉଲ୍ଲିଖିତ ହୋଇଛି । ଏହାପରେ ତାହାର ବିସ୍ତୃତ ବ୍ୟାଖ୍ୟା କରାଯାଇଛି। ତଫ୍‌ସିର ପାଠକାରୀ ବ୍ୟକ୍ତି ସେହି ଆୟତ୍ ଏବଂ ଅନୁବାଦ ତଥା ବ୍ୟାଖ୍ୟାକୁ ପାଠ କରିବା ପରେ ପ୍ରାଚ୍ୟତତ୍ତ୍ୱବିତ୍ ଏବଂ ଇଉରୋପୀୟ ଧର୍ମଦ୍ୱେଷୀମାନଙ୍କର ଆପତ୍ତିର ସମ୍ୟକ୍ ଉତ୍ତର ପ୍ରାପ୍ତ କରିବାକୁ ସକ୍ଷମ ହୋଇପାରିଥାଏ । ଏହି ପ୍ରସଙ୍ଗଟି ଚର୍ଚ୍ଚାଯୋଗ୍ୟ ଯେ, ଜମାଅତ୍ ଅହେମଦିୟାର ଇମାମ୍ (ଧର୍ମଗୁରୁ) ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଉକ୍ତ ଅନୁବାଦ ସହିତ ଆଁହଜରତ ସ.ଅଙ୍କ ଜୀବନୀ ସମ୍ବନ୍ଧରେ ମଧ୍ୟ ଏକ ସମ୍ୟକ ବିବରଣୀ ପ୍ରଦାନ କରିଛନ୍ତି ଏବଂ ଏହି ଜୀବନୀଟି ଅନୁବାଦ ଦୃଷ୍ଟିରୁ ଅନନ୍ୟ, ଅଦୃଷ୍ଟାନ୍ତନୀୟ ଓ ଅତୁଳନୀୟ ଅଟେ। **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-9, ପୃ-675-676)**

ସେ ଯାହା ହେଉ ନା କାହିଁକି ତଫ୍‌ସିର୍ କବୀର ଏବଂ ତଫ୍‌ସିର୍ ସଗୀର୍ ଫାଇଭ୍ ଭଲ୍ୟୁମ୍ କମେଣ୍ଟାରୀ ଉପରେ ଆଲୋଚନା ଅଟେ । ମୁଁ ବର୍ତ୍ତମାନ କେତେକ ଭାଷଣ ସଂକ୍ରାନ୍ତରେ ବର୍ଣ୍ଣନା କରି ଦେଉଛି । ହ. ମୁସଲେହ୍ ମଉଦ୍ ର.ଅଙ୍କ ଜ୍ଞାନଭିତ୍ତିକ କୋଷକୁ ନିଜର ଭାଷଣ ମାଧ୍ୟମରେ ଆମ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ତାହାର ଅନ୍ୟ ଲୋକମାନେ ଉଚ୍ଚ ପ୍ରଶଂସା କରିଛନ୍ତି ଏବଂ ସେହି ଜ୍ଞାନଭିତ୍ତିକ କୋଷକୁ ସେମାନେ କେଉଁ ଦୃଷ୍ଟିରେ ଦେଖିଲେ ତତ୍‌ସଂକ୍ରାନ୍ତରେ ମୁଁ ବର୍ଣ୍ଣନା କରି ଦେଉଛି । ହ. ମୁସଲେହ୍ ମଉଦ୍ ର.ଅଙ୍କ ଏକ ଉଦ୍‌ବୋଧନ ଯାହାର ନାମ '**ନିଜାମେ ନୌ**' ଅଟେ । ଆପଣ ଏହି ଉଦ୍‌ବୋଧନ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସମ୍ମୁଖର ଉପସ୍ଥାପିତ କରିଥିଲେ ।

ଏହା ଉପରେ ଆଲୋଚନା କରି ମିସର୍ ଦେଶରେ ଜଣାଶୁଣା ଲେଖକ ତଥା ଅଧ୍ୟାପକ ଅବ୍ବାସ୍ ମେହମୁଦୁଲ୍ ଆକାବ୍ ଏହି ମହାନ ଧର୍ମ ସାହିତ୍ୟର ଇଂରାଜୀ ଅନୁବାଦର ପ୍ରକାଶନ ପର୍ବରେ ମିସର ଦେଶର ବିଖ୍ୟାତ ସାହିତ୍ୟିକ ପତ୍ରିକା ମୁଜଲ୍ଲତୁଲ୍ ରିସାଲାରେ ନିମ୍ନମତେ ଆଲୋଚନା କରିଛନ୍ତି । ସେ କୁହନ୍ତି,- "ଏହି ସାହିତ୍ୟର ଅଧ୍ୟୟନ ଯୋଗୁଁ ଏକଥା ସ୍ପଷ୍ଟ ହେଉଛି ଯେ, ବିଦ୍ୱାନ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ସାହେବ ଆନ୍ତର୍ଜାତିକ ରାଷ୍ଟ୍ରମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି ଯେ, ଧନୀ ଓ ଦରିଦ୍ରଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦୂର କରାଯାଉ ଅଥାବ ଏକତ୍ରିତ ଧନକୁ ସମଗ୍ର ସଂସାରର ଜାତି ଏବଂ ଜନତାଙ୍କ ମଧ୍ୟରେ ସମାନୁପାତିକ ଭାବରେ ବାଣ୍ଟି ଦିଆଯାଉ । ନିଃସନ୍ଦେହ ଆପଣ ଜଣେ ସାହିତ୍ୟ ପଣ୍ଡିତ ଅଟନ୍ତି ଏବଂ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ସାହେବ ସମଗ୍ର ପୃଥିବୀରେ ସ୍ଥାପିତ ନୂତନ ବ୍ୟବସ୍ଥା ଓ ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା ପାଇଁ ଅକ୍ଳାନ୍ତ ଉଦ୍ୟମ କରିଛନ୍ତି । ଅର୍ଥାତ ଫାଶିବାଦ, ନାଜିବାଦ, ସାମ୍ୟବାଦ ଏବଂ ଅନ୍ୟାନ୍ୟ କେତେକ ଗଣତାନ୍ତ୍ରିକ ବ୍ୟବସ୍ଥା ଆଦିରୁ ଏହା ପ୍ରକାଶ୍ୟ ଓ ପ୍ରତିଭାତ ହେଉଅଛି ଯେ ଆପଣ ସେହି ସମସ୍ତ ବ୍ୟବସ୍ଥା ଏବଂ ଗୋଷ୍ଠୀ ସଂକ୍ରାନ୍ତରେ ପ୍ରତ୍ୟେକ ଦିଗରୁ ଏବଂ ପ୍ରତ୍ୟେକ ଦୃଷ୍ଟିରୁ ଅବଗତ, ଅବହିତ ଏବଂ ସମ୍ୟକ ଜ୍ଞାନ ରଖନ୍ତି । ଆପଣ ତୁଚ୍ଛାଟାରେ ପୁସ୍ତକ ଲେଖିଦେଇ ନାହାନ୍ତି ବରଂ ଏହି ସମସ୍ତ ବ୍ୟବସ୍ଥା ସଂକ୍ରାନ୍ତରେ ଆପଣଙ୍କର ସମ୍ୟକ ଜ୍ଞାନ ଓ ପୁଙ୍ଖାନୁପୁଙ୍ଖ ଧାରଣା ରଖନ୍ତି ଏବଂ ଆପଣଙ୍କର ଗଭୀର ଜ୍ଞାନ ରହିଛି । ପୁନଶ୍ଚ ତତ୍‌ସହିତ ଅଧ୍ୟାପକ ଅବ୍ବାସ୍ ସାହେବ କୁହନ୍ତି, କିନ୍ତୁ ତତ୍‌ସହିତ ଆପଣ ଏହି ଧାରଣା ମଧ୍ୟ ରଖନ୍ତି ଯାହାକି ନିରାଟ ସତ୍ୟ ଯେ, ରାଜନୈତିକ ନେତୃବୃନ୍ଦ ଏବଂ ବିଭିନ୍ନ ଦଳର ନେତାମାନେ ଓ ରାଷ୍ଟ୍ରମାନେ ଉକ୍ତ ସମସ୍ୟାକୁ ଦୂର କରିପାରିବେ ନାହିଁ

ବା ସମାଧାନ କରିପାରିବେ ନାହିଁ । ଅତଃ ଏହି ପ୍ରକାରର ସମସ୍ୟାର ସମାଧାନ ନିମନ୍ତେ ଆଧ୍ୟାତ୍ମିକ ଶକ୍ତିର ଆବଶ୍ୟକତା ରହିଛି । କାରଣ ପ୍ରତ୍ୟେକ ସମସ୍ୟା ଯାହାକି ମନୁଷ୍ୟ ସହିତ ଜଡ଼ିତ ଏବଂ ସଂପର୍କିତ ତାହାର ପ୍ରକୃତ ସମାଧାନ ଏବଂ ପ୍ରତିକାର ସମଗ୍ର ଲୋକମନେ ଏକାଠି ହୋଇ କରିପାରିବେ । ତେଣୁ ମନ ଭିତରେ ସବୁଠୁ ବଡ଼ ଏହି ଆଶ୍ୱସ୍ତିକର କଥା ଏହା ସୃଷ୍ଟି କରେ ଯେ, ପୁଣ୍ୟ କାର୍ଯ୍ୟ ଏବଂ ସଂଶୋଧନ ନିମନ୍ତେ ସାହାସିକତା ସୃଷ୍ଟି କରିବା ନିହାତି ଆବଶ୍ୟକ। ଅର୍ଥାତ ଆସ୍ଥା ଓ ବିଶ୍ୱାସକୁ ଅଣଦେଖା କରାଯାଇ ପାରିବ ନାହିଁ । ଏତଦ୍‌ପରେ ଆପଣ ଭାରତବର୍ଷରେ ଉପସ୍ଥିତ ସଂଖ୍ୟା ଗରିଷ୍ଠ ଧର୍ମ ଉପରେ, ବିଶେଷ କରି ପୃଥିବୀର ଅନ୍ୟ ଧର୍ମ ଉପରେ ପ୍ରାୟତଃ ଗବେଷଣାତ୍ମକ ଦୃଷ୍ଟିପାତ କରିଛନ୍ତି । କାରଣ ସେମାନଙ୍କ ଠାରୁ ସେହି ପ୍ରତିକାର ଏବଂ ସମାଧାନ ବିଷୟରେ ଜ୍ଞାନ ପ୍ରାପ୍ତ କରାଯାଉ ଯାହା ସେହି କଠିନ ପରିସ୍ଥିତିକୁ ଦୂରୀଭୂତ କରିବା ନିମନ୍ତେ କାମରେ ଆସିବ ଯାହାକୁ ସଂସାର ଅତ୍ୟନ୍ତ କୁଚକ୍ଷୁରେ ଦେଖିଥାଏ ସେ ଉପସ୍ଥାପିତ କରନ୍ତି। ସେମାନଙ୍କ ଠାରୁ ସେହି ନୂତନ ବ୍ୟବସ୍ଥା ସଂକ୍ରାନ୍ତରେ ନୂତନ ତଥ୍ୟ ଆହରଣ କରାଯାଉ ଯାହାକି ସାଂପ୍ରତିକ ବ୍ୟବସ୍ଥା ବିପରୀତ ଉପସ୍ଥାପିତ କରାଯାଇ ପାରିବ। କାରଣ ସେମାନଙ୍କର ମଧ୍ୟ ଏହି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ଯେ, ସେମାନେ ଏହି ସମସ୍ୟାର ସମାଧାନ କରନ୍ତୁ ଏବଂ ଏହି ବିପତ୍ତିକୁ ଦୂରୀଭୂତ କରନ୍ତୁ ।

ଏତଦ୍‌ପରେ ସେ ଉଲ୍ଲେଖ କରନ୍ତି, ଏହି କଥାର ପ୍ରମାଣ ସମସ୍ତେ ନିଜ ନିଜ ଧର୍ମ ଓ ନିଜ ଧର୍ମ ଗ୍ରନ୍ଥରୁ ଉପସ୍ଥାପିତ କରିବେ । ଏକଥା ଠିକ୍ ଯେ, ଯଦି ସେମାନଙ୍କ ନିକଟରେ ଏହିଭଳି ପ୍ରକାରର କୌଣସି ବ୍ୟବସ୍ଥା ରହିଛି ତେବେ ଠିକ୍ ଅଛି ସେମାନେ ନିଜ ଧର୍ମରୁ ଏହାର ପ୍ରମାଣ ଉପସ୍ଥାପିତ କରନ୍ତୁ । କିନ୍ତୁ ସେମାନେ କୌଣସି ପ୍ରମାଣ ଉପସ୍ଥାପିତ କରିପାରିବେ ନାହିଁ । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ଯେ, ଆପଣ ର.ଅ ଅନେକ ପ୍ରମାଣ ଉପସ୍ଥାପିତ କରିଛନ୍ତି । ଆପଣ ର.ଅ କୁହନ୍ତି ଯେ, ସେହି ସମସ୍ତ ଧର୍ମ ମଧ୍ୟରୁ କେବଳ ଇସ୍‌ଲାମ୍ ଧର୍ମ ହିଁ ଏହିଭଳି ଏକମାତ୍ର ଧର୍ମ ଯିଏ ନିଜ ମଧ୍ୟରେ ସେହି ସମସ୍ତ ସମସ୍ୟାକୁ ଦୂରୀଭୂତ ତଥା ସମାଧାନ କରିବା ନିମନ୍ତେ ସାମର୍ଥ୍ୟ ରଖୁଛି । ସମସ୍ତ ଧର୍ମାବଲମ୍ବୀମାନେ ଏବଂ ସମସ୍ତ ଲୋକମାନେ ପୂର୍ବେ ମଧ୍ୟ ଏହି ବ୍ୟବସ୍ଥା ଉପରେ ଅମଳ ବା କାର୍ଯ୍ୟକାରୀ କରିପାରି ଥାଆନ୍ତେ ଏବଂ ଏବେ ମଧ୍ୟ ସେମାନେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିପାରିବେ ।

ପୁନଶ୍ଚ ଏତଦ୍‌ପରେ ମେହ୍‌ମୁଦୁଲ୍ ଉକାଦ୍ ସାହେବ '**ନିଜାମେ ନୌ**'ର ସେହି ଭାଗର ସାରାଂଶ ନିଜ ଭାଷାରେ ଉଲ୍ଲେଖ କରିଛନ୍ତି । ଅନ୍ୟ ବିଦ୍ୱାନ୍ ସାହିତ୍ୟିକ ପଣ୍ଡିତମାନଙ୍କ ତୁଳନାରେ ସାହିତ୍ୟ ପଣ୍ଡିତ ମେହମୁଦ୍ ସାହେବ ମହୋଦୟ ସେହି ଧର୍ମବାମଲମ୍ବୀମାନଙ୍କର ଧର୍ମମତ ଏବଂ ଆସ୍ଥା ସଂପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି ଯାହାକି ମୁଁ ଉପରୋକ୍ତ ପଂକ୍ତିରେ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ଇଙ୍ଗିତ କରି ଦେଇଛି । ମହୋଦୟ ସେହି ଧର୍ମାବଲମ୍ବୀମାନଙ୍କ ଧର୍ମରେ ବର୍ଣ୍ଣିତ ଆସ୍ଥା ଏବଂ ଧର୍ମମତ ସଂକ୍ରାନ୍ତରେ ତୁଳନା କରିବାରେ କୌଣସି ପ୍ରସଙ୍ଗକୁ ବାଦ୍ ଦେଇ ନାହାନ୍ତି। ମହୋଦୟ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ, ହେଲେ ମୁଁ ତାହାକୁ ପଢି ନାହିଁ । କାଦିର୍ ସାହେବ କୁହନ୍ତି ମହୋଦୟ ମିର୍ଜା ବଶୀରୁଦ୍ଦୀନ୍ ସାହେବ ବିଶେଷ ରୂପେ ସମ୍ୟକ ଦୃଷ୍ଟିପାତ କରିଛନ୍ତି ଏବଂ ବିଶେଷ ପ୍ରକାରର ବ୍ୟବସ୍ଥା ପ୍ରଦାନ କରିଛନ୍ତି। କାରଣ କେବଳ ଆସ୍ଥା ହିଁ ଏପରି ଏକ ବସ୍ତୁ ଅଟେ, ଯହିଁରୁ ସଂଶୋଧନ ଆଶା କରାଯାଇପାରେ । ତତ୍‌ସହିତ ଆପଣ ର.ଅ ସେହି ଆସ୍ଥାଗୁଡ଼ିକର ମୁକାବିଲା ଏବଂ ତୁଳାନା କରିବା ବ୍ୟତୀତ ସେହି ସମସ୍ତ ରାଜନୈତିକ ଏବଂ ସାମାଜିକ ବ୍ୟବସ୍ଥାର ମଧ୍ୟ ମୁକାବିଲା କରି ଏହା ପ୍ରମାଣ କରି ଦେଖାଇ ଦେଇଛନ୍ତି ଯେ, ଏମାନେ ସମସ୍ତ ବ୍ୟବହାରିକ ରୂପେ ଏବଂ ଆଧ୍ୟାତ୍ମିକ ରୂପେ ନିଜର ଉଦ୍ଦେଶ୍ୟରେ ବିଫଳ ରହିଥିଲେ । ଏହାପରେ ଆପଣ ର.ଅ '**ନିଜାମେ ନୌ**'ର ସେହି ଭାଗର ସାରାଂଶା ପ୍ରଦାନ କରିଛନ୍ତି ଯାହାକି ରାଜନୈତିକ ଏବଂ ସାମାଜିକ ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ ଅଟେ । ପୁନଶ୍ଚ ସମାଲୋଚକ କୁହନ୍ତି ଯେ, ଯଦି ଏହି ସ୍ୱର ୟୁରୋପର ଏବଂ ଆମେରିକାର ଇଂରାଜୀ ପଢୁଆ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଚାର କରାଯାଏ ତେବେ ସ୍ୱୟଂ ଭାରତବାସୀ ଏବଂ ପୂର୍ବୋତ୍ତରବାସୀଙ୍କ ମଧ୍ୟରେ ନିଃସନ୍ଦେହ ରୂପେ ଏହାର ସୁପ୍ରଭାବ ଦେଖିବାକୁ ମିଳିବ ।

ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ଅନନ୍ୟ ପୁସ୍ତକ '**ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍**' ପୁସ୍ତକରେ ବିଭିନ୍ନ ବିବରଣୀ ପ୍ରଦାନ କରିଛନ୍ତି। ଯାହାକି ଲାହୋର ସ୍ଥିତ ଇସ୍‌ଲାମିୟା କଲେଜର ମର୍ଡ଼ନ୍ ହିଷ୍ଟୋରିକାଲ୍ ସୋସାଇଟିର ସଭାରେ ଆପଣ ର.ଅ ଭାଷଣ ଦେଇଥିଲେ । ଏହା ଆପଣ ର.ଅଙ୍କ ଏପରି ଏକ ଜ୍ଞାନାଭିତ୍ତିକ ଓ ଇସଲାମ୍ ଧର୍ମ ଉପରେ ସମ୍ୟକ ଜ୍ଞାନ ରଖି ଭାଷଣ ଦେଇଥିଲେ ଯେ, ଏହାକୁ ଶୁଣି ବଡ଼ ବଡ଼ ଇତିହାସବିତ୍‌ମାନେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ତୁଳନାରେ ନିଜକୁ ପ୍ରାଥମିକ ଶ୍ରେଣୀର ଛାତ୍ର ବୋଲି ମନେ କରିବାକୁ ଲାଗି ଯାଇଥିଲେ । ହୁଜୁର ର.ଅଙ୍କ ଗବେଷଣାର ସାରାଂଶ ଏହିକିଯେ, ତହିଁରୁ ଏହା ସାବ୍ୟସ୍ତ ହୁଏ ଯେ, ହ. ଉସ୍‌ମାନ୍ ର.ଅ ଓ ଅନ୍ୟ ସାହାବଗଣ ପ୍ରତ୍ୟେକ ପ୍ରକାରର ଉପଦ୍ରବ ଏବଂ ଖୁଣରୁ ପବିତ୍ର ଥିଲେ ତାହା ନୁହେଁ । ବରଂ ଆପଣ ର.ଅଙ୍କର ବ୍ୟବହାର ସର୍ବୋଚ୍ଚ ଚରିତ୍ରିକ ବ୍ୟବସ୍ଥାର ପ୍ରତିଫଳନ ଥିଲା ଏବଂ ତାହାଙ୍କର ପାଦ ପୁଣ୍ୟାବଳୀର ସର୍ବୋଚ୍ଚ ସ୍ଥାନରେ ସ୍ଥାପିତ ଥିଲା । କାହାରିକୁ ଦୋଷ ଦିଆଯାଇପାରିବ ନାହିଁ । ନା ହ. ଉମର୍ ର.ଅଙ୍କୁ ଓ ନା ହିଁ ସାହାବାମାନଙ୍କୁ ଦୋଷ ଦିଆଯାଇପାରିବ । ଆପଣ ର.ଅ କହିଲେ, ଯେ, ସାହାବାମାନଙ୍କୁ ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ଉପରେ କୌଣସି ସନ୍ଦେହ ନଥିଲା । ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ । ଅର୍ଥାତ ହ. ଅଲୀ ଏକଥା ପ୍ରମାଣିତ କଲେ ଯେ, ସାହାବାମାନଙ୍କ ଉପରେ ଯେଉଁ ମିଥ୍ୟାରୋପ କରାଯାଇଛି ଯେ, ସାହାବାମାନେ ବିଦ୍ରୋହ କଲେ । ହ. ଅଲୀ, ହ. ତଲ୍‌ହା ଏବଂ ହ. ଜୁବୈର୍‌ଙ୍କ ଉପରେ ଗୁପ୍ତ ଷଡ଼ଯନ୍ତ୍ର ଓ ଦୋଷାରୋପଣ କରିଛନ୍ତି ତେବେ ତାହା ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଅଟେ । ଆପଣ ର.ଅ ଏକଥା ମଧ୍ୟ ସାବ୍ୟସ୍ତ କଲେ ଯେ, ଅନ୍‌ସାର୍‌ମାନଙ୍କ ଉପରେ ଯେଉଁ ଦୋଷାରୋପ କରାଯାଏ ଯେ, ସେମାନେ ହ. ଉମର୍ ର.ଅଙ୍କ ଠାରୁ ଅସନ୍ତୁଷ୍ଟ, ରୁଷ୍ଟ ତଥା କ୍ଷୁବ୍ଧ ଥିଲେ ତାହା ଭୁଲ ଏବଂ ଅବାନ୍ତର ଅଟେ । କାରଣ ଆମେମାନେ ଏହା ଦେଖୁ ଯେ, ଅନ୍‌ସାର୍‌ମାନଙ୍କର ମସସ୍ତ ଅଧିପତି ଉକ୍ତ ଉପଦ୍ରବକୁ ଦୂରୀଭୂତ କରିବା ନିମନ୍ତେ ନିମଜ୍ଜିତ ରହିଥିଲେ । ସେ ଯାହା ହେଉ ନା କାହିଁକି ଉପରୋକ୍ତ କଥା ଉପରେ ଅଣମୁସଲମାନମାନଙ୍କର ଯେଉଁ ପ୍ରତିକ୍ରିୟା ରଖିଛନ୍ତି ତାହା ଏହିପରି ଯେ, ଲାହୋର ସ୍ଥିତ ଇସ୍‌ଲାମିୟା କଲେଜର ଅଧ୍ୟାପକ ସୟଦ୍ ଅବ୍‌ଦୁଲ୍ କାଦିର୍ ସାହେବ ଉଲ୍ଲେଖ କରନ୍ତି ଯେ, ବିଦ୍ୱାନ୍ ପିତାଙ୍କର ସୁଯୋଗ୍ୟ ସନ୍ତାନ ହ. ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ଅହେମଦ ସାହେବଙ୍କ ନାଁ ହିଁ ଯଥେଷ୍ଟ ଯେ, ଉକ୍ତ ଭାଷଣଟି ଅତ୍ୟନ୍ତ ଜ୍ଞାନଭିତ୍ତିକ ଅଟେ । ସେ କୁହନ୍ତି ଯେ, ମୁଁ ମଧ୍ୟ ମାନବିକ ଇତିହାସ ସଂପର୍କରେ ବିଜ୍ଞ ଓ ଅଭିଜ୍ଞ ଅଟେ ଏବଂ ମୁଁ ଦାବିର (ଦୃଢତାର) ସହିତ କହିପାରିବି ଯେ, ମୁସଲମାନ କ'ଣ ଏବଂ ଅଣ ମୁସଲମାନ କ'ଣ ଖୁବ୍ ସ୍ୱଳ୍ପ ଇତିହାସବିତ୍‌ମାନେ ଅଛନ୍ତି ଯେଉଁମାନେ ହ. ଉସ୍‌ମାନ ର.ଅଙ୍କ ଶାସନକାଳରେ ସୃଷ୍ଟି ହୋଇଥିବା ମତପାର୍ଥକ୍ୟର ମୂଳ କାରଣ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ? ସେମାନେ ଏହି ମାରାତ୍ମକ ଏବଂ ପ୍ରଥମ ଗୃହଯୁଦ୍ଧର ପ୍ରକୃତ କାରଣକୁ ବୁଝିବାରେ ସେମାନେ ସଫଳ ହୋଇଛନ୍ତି କି ? ହ. ମିର୍ଜା ସାହେବ ନା କେବଳ ଗୃହଯଦ୍ଧର କାରଣ ବିଷୟରେ ବୁଝିବାକୁ କେବଳ ସଫଳ ହୋଇଛନ୍ତି ତାହା ନୁହେଁ ବରଂ ସେ ଅତ୍ୟନ୍ତ ସ୍ୱଷ୍ଟ ଏବଂ ଅହରହ ବ୍ୟାଖ୍ୟାତ୍ମକ ବାକ୍‌ଚାତୁରୀ ଶୈଳୀରେ ସେହି ଘଟଣାବଳୀକୁ ବର୍ଣ୍ଣନା କରିଛନ୍ତି । ଯଦ୍ଦ୍ୱାରାକି ଖିଲାଫତ୍‌ର ପ୍ରାସାଦ ଦୀର୍ଘ କାଳ ପର୍ଯ୍ୟନ୍ତ ଦୋହଲି ବା ଆନ୍ଦୋଳିତ ହୋଇ ରହିଥିଲା । ମୋ ବିଚାରରେ ଏହିଭଳି ଯୁକ୍ତିପୂର୍ଣ୍ଣ ପ୍ରମାଣଭିତ୍ତିକ ନିବନ୍ଧ ଇସ୍‌ଲାମୀୟ ଇତିହାସରେ ଅଭିରୁଚି ରଖୁଥିବା ପାଠକବର୍ଗଙ୍କ ଦୃଷ୍ଟିରେ ଆଜି ପର୍ଯ୍ୟନ୍ତ ଅତିକ୍ରାନ୍ତ ହୋଇ ନାହିଁ ଅର୍ଥାତ ଆଜି ପର୍ଯ୍ୟନ୍ତ ପଢି ନାହାନ୍ତି । ସତ୍ୟ ଏହିକି ଯେ, ହ. ଉସ୍‌ମାନ୍ ର.ଅଙ୍କ ଶାସନକାଳର ଯେଭଳି ପ୍ରକୃତ ଇସ୍‌ଲାମୀୟ ଇତିହାସର ଅଧ୍ୟୟନ କରାଯିବ ସେହିଭଳି ନିବନ୍ଧ ଶିକ୍ଷଣୀୟ ଏବଂ ଗ୍ରହଣଯୋଗ୍ୟ ତଥା ଉତ୍କୃଷ୍ଟମାନର ଜ୍ଞାତ ହେବ। **(ଇସଲାମ୍ ମେଁ ଇଖତିଲାଫ୍ କା ଆଗାଜ୍, ପ୍ରାକ୍‌କଥନ ପୃଷ୍ଠା, ପ୍ରକାଶନ ବର୍ଷ 1930 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ସେହିପରି ଆହୁରି ଅନେକ ଆଲୋଚନା ରହିଛି। କିନ୍ତୁ ସମୟାଭାବରୁ ସେହି ସମସ୍ତ ଘଟଣାବଳୀକୁ ବର୍ଣ୍ଣନା କରିବା ଏଠାରେ ସମ୍ଭବପର ନୁହେଁ । ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉଦ୍‌ବୋଧନ ରହିଛି ଯାହାର ନାମ ହେଲା 'ଇସ୍‌ଲାମ୍ କେ ଇକ୍‌ତିସାଦି ନିଜାମ୍' । ଉକ୍ତ ଉଦ୍‌ବୋଧନଟି

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଲାହୋର ସ୍ଥିତ ଅହେମଦିୟା ଛାତ୍ରାବାସରେ ଆପଣ ର.ଅ ଦେଇଥିଲେ ଏବଂ ଏହି ଉଦ୍‌ବୋଧନଟି ଦୀର୍ଘ ଅଢେଇ ଘଣ୍ଟା ଧରି ଅବ୍ୟାହତ ରହିଥିଲା । ଉକ୍ତ ଉଦ୍‌ବୋଧନରେ ଅହେମଦିଙ୍କ ବ୍ୟତୀତ ଶତାଧିକ ସଂଖ୍ୟାରେ ଉଚ୍ଚ ଶିକ୍ଷିତ ବର୍ଗର ହଜାର ହଜାର ଗଣମାନ୍ୟ ଲୋକମାନେ ଉପସ୍ଥିତ ରହି ଉକ୍ତ ଉଦ୍‌ବୋଧନକୁ ଶୁଣିଥିଲେ । ସେହିପରି ଉଚ୍ଚ ଶିକ୍ଷିତ ବର୍ଗ ଯଥା ପଞ୍ଜାବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରମାନେ ଉକ୍ତ ଉଦ୍‌ବୋଧନକୁ ଶୁଣିଥିଲେ ଏବଂ ଏହି ସଭାରେ ଉପସ୍ଥିତ ଥିଲେ । ଭାଷଣ ସମୟରେ ପ୍ରଫେସରମାନେ, ଓକିଲମାନେ ଓ ଅନ୍ୟାନ୍ୟ ଅନେକ ବିଦ୍ୱାନ୍ ମନୀଷୀମାନେ ବହୁଳ ମାତ୍ରାରେ ଉକ୍ତ ଉଦ୍‌ବୋଧନରୁ ନୋଟ୍ ସଂଗ୍ରହ କରୁଥିଲେ । **(ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୁସ୍ତକର ପରିଚୟ, "ଇସଲାମ୍ କା ଇକ୍ତିସାଦି ନିଜାମ୍" ପରିଚୟ ପୃଷ୍ଠା-1)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଇସ୍‌ଲାମ୍ ଧର୍ମର ଇକ୍‌ତିସାଦି ନିଜାମ୍‌ର ସାରାଂଶ ବର୍ଣ୍ଣନା କରି କୁହନ୍ତି, ଇସ୍‌ଲାମ୍ ଧର୍ମର ଇକ୍‌ତିସାଦି ନିଜାମ୍ (ଅର୍ଥନୈତିକ ବ୍ୟବସ୍ଥା) କହିଲେ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସରକାରଙ୍କ ପ୍ରବେଶର ଏକ ଯଥୋଚିତ ମିଶ୍ରଣ, ସମନ୍ୱୟ ତଥା ସହଭାଗିତାକୁ ବୁଝାଏ । ଅର୍ଥାତ ଯେଉଁ ବ୍ୟବସ୍ଥାରେ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟ ଥିବ ଏବଂ ସରକାରଙ୍କ ସହଭାଗିତା ମଧ୍ୟ ଥିବ । କିନ୍ତୁ ଏହା ପାରସ୍ପରିକ ରୂପେ ମିଶ୍ରିତ ଓ ସମନ୍ୱିତ ହୋଇଥିବା ଉଚିତ । ଅର୍ଥାତ ପରସ୍ପରକୁ Coordinate (ସହଯୋଗ) କରୁଥିବା ଉଚିତ । ଅର୍ଥାତ ଇସ୍‌ଲାମ୍ ଧର୍ମ ସଂସାରବାସୀଙ୍କ ସମ୍ମୁଖରେ ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଉପସ୍ଥାପିତ କରେ ତହିଁରେ ଏକ ପ୍ରକାରର ସରକାରଙ୍କ ଅବାଧ ପ୍ରବେଶ ତଥା ହସ୍ତକ୍ଷେପ ମଧ୍ୟ ଥିବ ଓ ଅନ୍ୟ ପଟରେ ଲୋକମାନଙ୍କୁ ସ୍ୱାଧୀନତା ମଧ୍ୟ ପ୍ରଦାନ କରାଯାଇଥିବ । ଏହି ଦୁହିଁଙ୍କ ଯଥୋଚିତ ସହଯୋଗିତା ଓ ସହଭାଗିତାର ଅନ୍ୟ ନାମ ଇସ୍‌ଲାମୀୟ ଅର୍ଥନୈତିକ (ବ୍ୟବସ୍ଥା) ଅଟେ । ବ୍ୟକ୍ତିଗତ ସ୍ୱାଧୀନତା ଏଇଥିପାଇଁ ରଖାଯାଇଛି ଯେ, ଲୋକମାନେ ଯେପରି ଶେଷ ଦିବସର ସମ୍ବଳ ନିଜ ନିମନ୍ତେ ଏକତ୍ରିତ କରି ନିଅନ୍ତୁ ଏବଂ ସେମାନଙ୍କ ଭିତରେ ପ୍ରତିଯୋଗୀତାମୂଳକ ମନୋଭାବ କ୍ରମଶଃ ବୃଦ୍ଧି ପାଉ । କେବଳ ସାଂସାରିକ ପ୍ରତିଯୋଗୀତା ନୁହେଁ ବରଂ ଶେଷ ଦିବସ ନିମନ୍ତେ ମଧ୍ୟ ଯେଉଁ ପୁଣ୍ୟାବଳୀ ସମ୍ପାଦନ କରି ପୁଣ୍ୟରେ ଆଗକୁ ଅଗ୍ରସର ହେବାର ପ୍ରତିଯୋଗୀତାମୂଳକ ମନୋଭାବ ଅବ୍ୟାହତ ରହୁ । ପୁନଶ୍ଚ ଆପଣ ର.ଅ କହିଲେ, ସରକାରଙ୍କ ଅବାଧ ପ୍ରବେଶ ଓ ହସ୍ତକ୍ଷେପ ଏଇଥିପାଇଁ ରଖାଗଲା ଯେ, ଧନୀ ଲୋକମାନଙ୍କୁ ଏହି ସୁଯୋଗ ନମିଳୁ ଯେ, ସେମାନେ ନିଜର ଦରିଦ୍ର ଭାଇମାନଙ୍କୁ ଅର୍ଥନୈତିକ ରୂପେ ଧ୍ୱଂସ କରିଦେବେ । ଅର୍ଥାତ ଯେଉଁଠି ସମସ୍ତ ମନୁଷ୍ୟମାନଙ୍କୁ ଧ୍ୱଂସରୁ ସୁରକ୍ଷିତ ରଖିବାର ପ୍ରଶ୍ନ ରହିଛି ସେଠାରେ ସରକାରଙ୍କ ହସ୍ତକ୍ଷେପର ମଧ୍ୟ ଆବଶ୍ୟକ ବୋଲି ମନେକରାଯାଇଛି । ଯେଉଁଠି ପ୍ରତିଯୋଗୀତା ଏବଂ ପରକାଳ ଜୀବନ ନିମନ୍ତେ ସମ୍ବଳ ଏକତ୍ରିତ କରିବାର ପ୍ରଶ୍ନ ଉଠୁଛି ସେଠାରେ ବ୍ୟକ୍ତିଗତ ସ୍ୱାଧୀନତାକୁ ପାଦତଳେ ଦଳିବା ପରିବର୍ତ୍ତେ ତାହାର ସଂପୂର୍ଣ୍ଣ ସୁରକ୍ଷା କରାଯାଇଛି । ଅତଏବ ଇସ୍‌ଲାମୀୟ ଆର୍ଥିକ ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାଧୀନତାକୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଇଛି । କାରଣ ମନୁଷ୍ୟ ଇଚ୍ଛାଧୀନ ସେବା ମାଧ୍ୟମରେ ଭବିଷ୍ୟତ ଜୀବନ ପାଇଁ ସମ୍ବଳ ଉପଲବ୍ଧ ପାଉ ଏବଂ ପ୍ରତିଯୋଗୀତାମୂଳକ ମନୋଭାବ ରଖି ଉନ୍ନତି କରି ବୌଦ୍ଧିକ ବିକାଶର କ୍ଷେତ୍ରକୁ ସର୍ବଦା ପାଇଁ ପ୍ରଶସ୍ତ କରି ତଥା ସରକାରଙ୍କ ହସ୍ତକ୍ଷେପ ମଧ୍ୟ ଅବ୍ୟାହତ ଓ ବଳବତ୍ତର ରହୁ । କାରଣ ବ୍ୟକ୍ତିଗତ ଦୁର୍ବଳତା ଯୋଗୁଁ ଅର୍ଥନୈତିକ ଭିତ୍ତିଭୂମି ଅନ୍ୟାୟ, ଅତ୍ୟାଚାର ଉପରେ ସ୍ଥାପିତ ନ ହୋଇଯାଉ ଏବଂ ମାନବିକତାର କୌଣସି ଅଂଶବିଶେଷର ମାର୍ଗରେ ବ୍ୟକ୍ତିଗତ ସ୍ୱାଧୀନତା ପ୍ରତିବନ୍ଧକ ନସାଜୁ । **('ଇସଲାମ୍ କା ଇକ୍ତିସାଦି ନିଜାମ୍', ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୃ-35)**

ହୁଜୁର ଅନ୍‌ୱର୍ ଅ.ବ ନିଜର ଭାଷଣର ଅନ୍ୟ ଏକ ଭାଗରେ କମ୍ୟୁନିଜିମ୍ (ସାମ୍ୟବାଦ)ର ଆନ୍ଦୋଳନର ଏକ ଧାର୍ମିକ, ରୈଜନୈତିକ ଦୃଷ୍ଟିକୋଣ ଏବଂ ବ୍ୟବହାରିକ ଦୃଷ୍ଟିକୋଣରୁ ବିସ୍ତୃତ ସମୀକ୍ଷା କଲେ ଏବଂ ପରିଶେଷରେ ତତ୍‌ସଂକ୍ରାନ୍ତରେ ବାଇବେଲ୍‌ର ଏକ ମହାନ ଭବିଷ୍ୟତବାଣୀର ଉର୍ଦ୍ଦୁ ମତନ (ପୁସ୍ତକର ପ୍ରକୃତ ବାକ୍ୟାଂଶ ବା ପଙ୍କ୍ତି, ମଧ୍ୟବର୍ତ୍ତୀ ଅଂଶ, ଟୀକା ଟିପ୍ପଣୀ) ଶୁଣାଇବା ବ୍ୟତୀତ ହ. ମସିହ୍ ମଉଦ୍ ଅ.ସ ଓ ନିଜ ଭବିଷ୍ୟବାଣୀର ମଧ୍ୟ ଚର୍ଚ୍ଚା କଲେ । ଅତଃ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଏହି ସାହିତ୍ୟିଭିତ୍ତିକ ଅଭିଭାଷଣ ତଥା ଉଦ୍‌ବୋଧନଟି ତୁଙ୍ଗ ବିଦ୍ୱାନ ମନୀଷୀ ବର୍ଗଙ୍କ ମଧ୍ୟରେ ଏକ ହଇଚଇ ଏବଂ ବିପ୍ଳବ ସୃଷ୍ଟି କରି ଦେଇଥିଲା । ଅଲ୍ଲାଃତାଲାଙ୍କ କୃପାରୁ ତାହାକୁ ପ୍ରତ୍ୟେକ ସ୍ତରର ଅସାଧାରଣ ସଫଳତା ପ୍ରାପ୍ତ ହୋଇଛି । **(ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୁସ୍ତକର ପରିଚୟ, "ଇସଲାମ୍ କା ଇକ୍ତିସାଦି ନିଜାମ୍" ପରିଚୟ ପୃଷ୍ଠା-3)**

ଉକ୍ତ ଭାଷଣକୁ ଉପସ୍ଥିତ ମଣ୍ଡଳୀ ଏଭଳି ଆଗ୍ରହର ସହିତ ଶୁଣିଥିଲେ ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ ଲୋକମାନେ ସେହିଭଳି ଭାବରେ ସଭାସ୍ଥଳୀରେ ବସି ରହିଥିଲେ ଯେ, ଯେପରିକି ତାଙ୍କ ମୁଣ୍ଡ ଉପରେ ଚାତକ ପକ୍ଷୀମାନେ ବସିଛନ୍ତି। ଦୀର୍ଘ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ଅହରହ ଭାଷଣ ଆପଣ ର.ଅ ଦେଇଥିଲେ । ଜଣେ ଅଧ୍ୟାପକ ତ' ଉକ୍ତ ଉଦ୍‌ବୋଧନ ବା ଭାଷଣକୁ ଶୁଣି କାନ୍ଦି ପକାଇଲେ ଏବଂ ସାମ୍ୟବାଦର କେତେକ ସମର୍ଥକ ଛାତ୍ର ଏହି ଚିନ୍ତାଧାରାର ପ୍ରକାଶ କଲେ ଯେ, ସେମାନେ ଇସ୍‌ଲାମୀୟର ସାମାଜିକବାଦର କାଇଲ୍ ହୋଇଯାଇଛନ୍ତି ଏବଂ ବର୍ତ୍ତମାନ ଏହାକୁ ସଠିକ୍ ଏବଂ ଉଚିତ ବୋଲି ମନେକରୁଛନ୍ତି । ବିଶ୍ୱବିଦ୍ୟାଳୟସ୍ଥ ଅର୍ଥନୀତି ବିଭାଗର ସ୍ନାତକୋତ୍ତର ବିଭାଗର କେତେକ ଛାତ୍ରମାନେ ହୁଜୁର ର.ଅଙ୍କ ଉକ୍ତ ଭାଷଣ ସଂପର୍କରେ ଏହି ଇଚ୍ଛା ପ୍ରକାଶ କଲେ ଯେ, ଉକ୍ତ ଭାଷଣର ଇଂରାଜୀ ଅନୁବାଦ ଛାପି ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ଅଧ୍ୟାପକମାନଙ୍କ ନିକଟକୁ ପ୍ରେରଣ କରାଯିବା ଉଚିତ । ସେହିପରି ସେହି ଯୁଗରେ ଇଂରେଜମାନଙ୍କର ସରକାର ଥିଲା, ଅନେକ ଅଧ୍ୟାପକମାନେ ହେଉଥିଲେ । ସେହିପରି ସେମାନେ ଏହା ମଧ୍ୟ କହିଲେ ଯେ, ଯେଉଁଠି ବିଭିନ୍ନ ସ୍କିମ୍ (ଯୋଜନା) ଭାରତରେ ଆସନ୍ତା ଉନ୍ନତି ଏବଂ ବିକାଶ ନିମନ୍ତେ ଅନ୍ୟମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଉଛି ସେଠାରେ ଏହି ଇସ୍‌ଲାମୀୟ ବ୍ୟବସ୍ଥା ବିଶେଷ କରି ଯାହା ସଂପର୍କରେ ହୁଜୁର ର.ଅ ଉପସ୍ଥାପିତ କଲେ ତାହା ମୁସଲମାନମାନଙ୍କର ଚିନ୍ତାଧାରାର ପ୍ରତିନିଧିତ୍ୱ କରିବ । **(ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୁସ୍ତକର ପରିଚୟ, "ଇସଲାମ୍ କା ଇକ୍ତିସାଦି ନିଜାମ୍" ପରିଚୟ ପୃଷ୍ଠା-2-3)**

ଉକ୍ତ ଭାଷଣର ସଭାପତିତ୍ୱ ଲାହୋର ନ୍ୟାୟଳୟର ବରିଷ୍ଠ ଓକିଲ ମିଷ୍ଟର ଲାଲା ରାମଚନ୍ଦ୍ ମଚଣ୍ଡା କରିଥିଲେ । ସେ କୁହନ୍ତି ଯେ, ଭବ୍ୟ ଭାଷଣ ସରିବା ପରେ ଉଲ୍ଲେଖକାରୀ ଉଲ୍ଲେଖ କରନ୍ତି ଯେ, ଜଲ୍‌ସା ସାଲାନାର ସଭାପତି ଲାଲା ରାମଚନ୍ଦ ମଚଣ୍ଡା ସହେବ ଏକ ସଂକ୍ଷିପ୍ତ ଭାଷଣ ଦେଇଥିଲେ । ସେ କୁହନ୍ତି ଯେ, ମୁଁ ନିଜକୁ ବହୁତ ଧନ୍ୟ ଓ ସୌଭାଗ୍ୟଶାଳୀ ମନେକରି କହୁଛି ଯେ, ଏଭଳି ବହୁମୂଲ୍ୟ ଭାଷଣ ଶୁଣିବାର ମୋତେ ଅବସର ମିଳିଲା ଏବଂ ଏକଥା ଶୁଣି ମୁଁ ବହୁତ ଆନନ୍ଦିତ ହେଲି ଯେ, ତେହରିକେ ଅହେମଦିୟତ୍ ଉନ୍ନତି କରୁଛି ଏବଂ ଆଶାତୀତ ଉନ୍ନତି ମଧ୍ୟ କରୁଛି । ଆପଣମାନେ ବର୍ତ୍ତମାନେ ଯେଉଁ ଭଷଣ ଶୁଣିଛନ୍ତି ତହିଁରେ ଅତ୍ୟନ୍ତ ବହୁମୂଲ୍ୟ ଏବଂ ଉପାଦେୟ ନୂଆ ନୂଆ କଥା ହ. ଇମାମ୍ ଜମାଅତ୍ ଅହେମଦିୟା ବର୍ଣ୍ଣନା କରିଛନ୍ତି । ମୁଁ ଉକ୍ତ ଉଦ୍‌ବୋଧନ ଦ୍ୱାରା ଅନେକାଂଶରେ ଉପକୃତ ହେଲି । ମୁଁ ଭାବୁଛି ଯେ, ଆପଣମାନେ ମଧ୍ୟ ଉକ୍ତ ବହୁମୂଲ୍ୟ ଜ୍ଞାନ ଦ୍ୱାରା ବେଶ୍ ଉପକୃତ ହୋଇଥିବେ । ମୁଁ ଏକଥା କହି ଅତ୍ୟନ୍ତ ଆନନ୍ଦିତ ହେଉଅଛି ଯେ, ଉକ୍ତ ଜଲ୍‌ସାରେ କେବଳ ଅହେମଦିମାନେ ସାମିଲ୍ ହୋଇ ନଥିଲେ ବରଂ ଅଣଅହେମଦିମାମାନେ ମଧ୍ୟ ସାମିଲ ହୋଇଛନ୍ତି ।

ରାମଚନ୍ଦ ମଚଣ୍ଡା ପୁନଶ୍ଚ କୁହନ୍ତି, ମୁଁ ପ୍ରଥମେ ଏହା ଭାବୁଥିଲି ଏବଂ ମୋର ଏହି ଭ୍ରାନ୍ତ ଧାରଣା ରହିଥିଲା ଯେ, ଇସ୍‌ଲାମ୍ ଧର୍ମ ନିଜର ଆଇନ୍‌ରେ କେବଳ ମୁସଲମାନମାନଙ୍କର ଅଧିକାର ପ୍ରତି ଗୁରୁତ୍ୱାରୋପ କରିଛି । କିନ୍ତୁ ଆଜି ହ. ଇମାମ୍ ଜମାଅତ୍ ଅହେମଦିୟାଙ୍କର ଭାଷଣରୁ ଜଣା ପଡ଼ିଲା ଯେ, ଇସ୍‌ଲାମ୍ ଧର୍ମ ସମସ୍ତ ଲୋକମାନଙ୍କ ମଧ୍ୟରେ ସମାନୁପାତ ଭାବରେ ସମାନତାର ଶିକ୍ଷା ପ୍ରଦାନ କରିଥାଏ । ଏକଥା ଶୁଣି ମୁଁ ବେଶ୍ ଆନନ୍ଦିତ ଓ ହର୍ଷୋତ୍‌ଫୁଲ୍ଲିତ । ଅଣଅହେମଦି ବନ୍ଧୁମାନଙ୍କୁ ମୁଁ କହିବି ଯେ, ଇସ୍‌ଲାମ୍ ଧର୍ମ ପ୍ରତି ଏହିଭଳି ସମ୍ମାନ ପ୍ରଦର୍ଶନ କରିବା ବ୍ୟତୀରେକ ଆପଣମାମେନ ଅନନ୍ୟୋପାୟ ଅଟନ୍ତି । ଆପଣମାନେ ଯେଭଳି ଶୃଙ୍ଖଳିତ ଏବଂ ଶାନ୍ତିର ସହିତ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ହ. ଇମାମ୍ ଜମାଆତ୍ ଅହେମଦିୟାଙ୍କ ଭାଷଣ ଶୁଣିଲେ ଯଦି କୌଣସି ୟୁରୋପୀୟ ବ୍ୟକ୍ତି ଏହି ଦୃଶ୍ୟକୁ ଦେଖି ଥାଆନ୍ତା ତେବେ ନିଶ୍ଚିନ୍ତ ଆଶ୍ଚର୍ଯ୍ୟଚକିତ ହୋଇଯାଇ ଥାଆନ୍ତା । ଅର୍ଥାତ

---

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

## ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଭାରତୀୟମାନେ ଏତେ ଉନ୍ନତି କରିନେଇଛନ୍ତି !

ରାମଚନ୍ଦ ମଚଣ୍ଡା ସାହେବ କୁହନ୍ତି ଯେ, ଟିପ୍ପଣୀକାର ବ୍ୟକ୍ତିମାନେ କୁହନ୍ତି ଯେ, ଭାଷଣ ଶୁଣିବା ପରେ ଅନେକ ବ୍ୟକ୍ତିଙ୍କ ତୁଣ୍ଡରେ କେବଳ ପ୍ରଶଂସନୀୟ ବାକ୍ୟ ଥିଲା ତାହା ନୁହେଁ ବରଂ ଅସଂଖ୍ୟ ଶ୍ରେଣୀ ଏହି କଥାର ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ, ଆସ୍ଥାମୂଳକ ଭୂମିରେ ଯଦିଓ ଆମେମାନେ ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ସାହେବଙ୍କ ସହିତ ମତଭେଦ ରଖୁ (ଅର୍ଥାତ୍ ଆମେ ଏହି ଆସ୍ଥା ବା ବିଶ୍ୱାସ ରଖୁ ନାହିଁ ଯାହା ଏମାନେ ଅର୍ଥାତ ଅହେମଦିମାନେ ରଖନ୍ତି ଯେ, ହ. ଇସା ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ହ. ମସିହ୍ ମଉଦ୍ ଅ.ସ ହିଁ ଆଁହଜରତ ସ.ଅଙ୍କ ପ୍ରକୃତ ପ୍ରତିଶୃତ ମସିହ୍ ଅଟନ୍ତି) । କିନ୍ତୁ ସେମାନେ ଏହି କଥାକୁ ପ୍ରତ୍ୟାଖ୍ୟାନ କରି ପାରନ୍ତି ନାହିଁ ଯେ, ସାଂପ୍ରତିକ ଯୁଗରେ ହ. ମୁସ୍ଲେହ୍ ମଉଦ୍ ର.ଅ ଭାରତବର୍ଷର ସର୍ବୋତ୍କୃଷ୍ଟ ବିଦ୍ୱାନ୍ ପଣ୍ଡିତ ଅଟନ୍ତି । ବାସ୍ତବରେ ତାହା ହିଁ ଥିଲା ହ. ମୁସ୍ଲେହ୍ ମଉଦ୍ ର.ଅଙ୍କ ଅର୍ଥନୈତିକ ମୂଳକ ଜ୍ଞାନ ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍ର ସତ୍ୟତା ଏବଂ ବ୍ରହ୍ମଜ୍ଞାନଭିତ୍ତିକ ଉଦ୍ଭାବନ ଏବଂ ୟୁରୋପର ଅର୍ଥନୈତିକ ଦର୍ଶନର ପ୍ରତ୍ୟାଖ୍ୟାନ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପକ୍ଷରୁ ଏହିଭଳି ଢଙ୍ଗରେ ଉପସ୍ଥାପିତ ହୋଇ ନାହିଁ । ସ୍ୱୟଂ ଇସ୍ଲାମ୍ ଧର୍ମର ଅବିଶ୍ୱାସାକାରୀମାନେ ଏହିଭଳି ବ୍ୟବସ୍ଥା ତଥା ତାହାର ମହତ୍ତ୍ୱର ସ୍ୱୀକାରୋକ୍ତି ପ୍ରକାଶ କଲେ । ସ୍ୱୟଂ ସଂହତିର ସମର୍ଥକ ସଂହତିର ଦୋଷ ଦୁର୍ବଳତା ସ୍ୱୀକାର କରିବାକୁ ବାଧ ହୋଇଯାଇଛନ୍ତି । ସୁତରାଂ ମୌଲବୀ ଶେର୍ ଅଲୀ ସାହେବଙ୍କ ବର୍ଣ୍ଣନା ରହିଛି ଯେ, ସେ ଭାଷଣ ପରେ କେତେକ ଅଣଅହିମଦି ଯୁବକମାନଙ୍କୁ ପରସ୍ପର ମଧ୍ୟରେ ବାର୍ତ୍ତାଳାପ ହେଉଥିବାର ଶୁଣିଲେ ଯେ, ବର୍ତ୍ତମାନ ଏହାପରେ ବି ଯଦି ତୁମେମାନେ କମ୍ୟୁନିଷ୍ଟ(ସାମ୍ୟବାଦୀ)ର ଅବା କମ୍ୟୁନିଜିମ (ସାମ୍ୟବାଦ) ର ସମର୍ଥନ କଲ ତେବେ ତୁମ ଉପରେ ଅଭିଶାପ ଅବତୀର୍ଣ୍ଣ ହେଉ । ସେହିପରି ପୂର୍ବେ ମଧ ଚର୍ଚ୍ଚା ହୋଇଛି ଯେ, ଜଣେ ପ୍ରଫେସର ସାହେବ ଏହିକଥା ଶୁଣି କାନ୍ଦି ପକାଇଲେ ।

ଭାଷଣର ପରିସମାପ୍ତି ପରେ ଅଣଅହେମଦି ଆଧ୍ୟାପକ ଓ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ଏହି ଇଚ୍ଛା ପ୍ରକାଶ କରାଗଲା ଯେ, ସମୟାଭାବରୁ ହୁଜୁର ନିଜ ଭାଷଣର ବିଷୟବସ୍ତୁର ସମସ୍ତ ଦିଗ ଉପରେ ନିଜ ଚିନ୍ତାଧାରାର ପରିପ୍ରକାଶ କରିପାରିଲେ ନାହିଁ । ଅତଃ ଆଉ ଏକ ଭାଷଣ ଦେଲେ ଯହିଁରେ ବିଷୟବସ୍ତୁର ଅନ୍ୟ ଭାଗର ସ୍ପଷ୍ଟ ହୋଇଯାଉ । କାରଣ ଅଲ୍ଲାଃତାଲା ହୁଜୁର ର.ଅଙ୍କୁ ଯେଉଁ ନିର୍ଝର ପ୍ରଦାନ କଲେ ସେହି ଜ୍ଞାନଭିତ୍ତିକ ନିର୍ଝରରୁ ଲୋକମାନେ ସେଚିତ ହୁଅନ୍ତୁ । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-9, ପୃ-495-497)**

ହ. ମୁସ୍ଲେହ୍ ମଉଦ୍ ର.ଅ ପ୍ରକାଶ୍ୟ ଜ୍ଞାନ ଏବଂ ଆନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହୋଇଥିଲେ । ଲାହୋର ସ୍ଥିତ ଇସ୍ଲାମିୟା କଲେଜର ଭାଇସ୍ ପ୍ରିଂସିପାଲ୍ ତଥା ଇତିହାସ ବିଭାଗର ସଭାପତି ମହୋଦୟ ସୟଦ୍ ଅବ୍ଦୁଲ୍ କାଦିର୍ ସାହେବ ଏମ୍.ଏ କୁହନ୍ତି, ଇସ୍ଲାମିୟା କଲେଜ ଇସ୍ଲାମ୍ ଧର୍ମ ଏବଂ ସଂହତି ବିଷୟବସ୍ତୁ ଉପରେ ଲହୋରର ସନ୍ରାଇଜ୍ ସମ୍ବାଦପତ୍ରରେ ସେ ଏକ ନୋଟ୍ (ଟିପ୍ପଣୀ) ଦେଲେ ଯାହାର କିଛି ଅଂଶ ଏଠାରେ ଉଲ୍ଲେଖ କରାଗଲା। ଇସ୍ଲାମ୍ ଧର୍ମର ଅର୍ଥନୈତିକ ବ୍ୟବସ୍ଥା ଏବଂ ସାମ୍ୟବାଦ ବିଷୟ ଉପରେ ଜମାଅତ୍ ଅହେମଦିୟାର ଇମାମ୍ ହ. ମିର୍ଜା ବଶୀରୁଦ୍ଦୀନ୍ ମେହ୍ମୁଦ୍ ଅହେମଦ ସାହେବଙ୍କ ଅଭିଭାଷଣ ଶୁଣିବାର ମୋତେ ଗୌରବ ଅର୍ଜନ ହୋଇଛି । ଉକ୍ତ ଅଭିଭାଷଣଟି ଅନ୍ୟ ଅଭିଭାଷଣ ପରି ମୋତେ ଶୁଣିବାକୁ ସୁଯୋଗ ପ୍ରାପ୍ତ ହୋଇଛି । ପାଣ୍ଡିତ୍ୟପୂର୍ଣ୍ଣ ଚିନ୍ତାଧାରାରେ ଓଜସ୍ୱୀତା ସୃଷ୍ଟିକାରୀ ଏବଂ ସମସ୍ତ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ଥିଲେ । ମିର୍ଜା ସାହେବ ଈଶ୍ୱରଦତ୍ତ ଜ୍ଞାନ ଓ ଯୋଗ୍ୟତାର ଅଧିକାରୀ ଅଟନ୍ତି ଏବଂ ଏହି ବିଷୟବସ୍ତୁର ପ୍ରତ୍ୟେକ ପାର୍ଶ୍ୱ ଉପରେ ଆପଣ ର.ଅଙ୍କ ସଂପୂର୍ଣ୍ଣ ପାଣ୍ଡିତ୍ୟପୂର୍ଣ୍ଣ ଅଭିଜ୍ଞତା ରଖୁଥିଲେ । କୌଣସି ଡିଗ୍ରୀ ନେଇ ନାହାନ୍ତି କି କୌଣସି ଗବେଷଣା କରି ନାହାନ୍ତି । କିନ୍ତୁ ଅଲ୍ଲାଃତାଲା ହିଁ ସମସ୍ତ ଜ୍ଞାନ ଆପଣ ର.ଅଙ୍କୁ ଶିଖାଇଛନ୍ତି । ସେହି କାରଣରୁ ଆପଣ ର.ଅଙ୍କ ଚିନ୍ତାଧାରା ଏହି କଥାର ଅଧିକାରୀ ହୋଇପାରିଛି ଯାହାକୁ ଆମେମାନେ ଅତ୍ୟନ୍ତ ସମ୍ମାନ ଦୃଷ୍ଟିରେ ଦେଖି ସେଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-9, ପୃ-499)**

ପୁନଶ୍ଚ ଉକ୍ତ ଅଭିଭାଷଣ ବା ପୁସ୍ତକର ବିଭିନ୍ନ ଭାଷାରେ ଅନୁବାଦ ମଧ ହେଲା। ଉକ୍ତ ଅନୁବାଦକୁ ପଢି ଅଣରାଷ୍ଟ୍ରୀୟ ପ୍ରେସ୍ ତଥା ଶିକ୍ଷିତ ଗୋଷ୍ଠୀ ମଧ ଖୁବ୍ ଉଚ୍ଚ ପ୍ରଶଂସା କଲେ । ସୁତରାଂ ସ୍ପେନ୍ର ସୁପ୍ରିମ୍ ଟ୍ରିବ୍ୟୁନାଲ୍ର ସଭାପତି ଏସ୍.ୱାଇ. ଡ଼ି ଜସ୍ କାଷ୍ଟେନ୍ ଉକ୍ତ ପୁସ୍ତକକୁ ପଢି ମୌଲବୀ କରମ୍ ଇଲାହୀ ସାହେବଙ୍କୁ ଏକଥା ଲେଖିଲେ ଯେ, ମୁଁ ଆପଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୁସ୍ତକ ପଢି ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ତତ୍ସହିତ ଉକ୍ତ ପୁସ୍ତକଟି ଏକ ସେର୍ବୋତ୍କୃଷ୍ଟ ପୁସ୍ତକ ଅଟେ । ଉକ୍ତ ପୁସ୍ତକକୁ ପଢି ମୋର ସ୍ୱଭାବ ଉପରେ ଅତ୍ୟନ୍ତ ଭବ୍ୟ ଏବଂ ସୁପ୍ରଭାବ ସୃଷ୍ଟି ହୋଇଛି । ମୁଁ ଆପଣଙ୍କୁ ଏହି ବିଶ୍ୱାସ ଏବଂ ଆଶ୍ୱାସନା ଦେଉଛି ଯେ, ଅଲ୍ଲାଃତାଲା ଆପଣଙ୍କୁ ଏହି ସ୍ପେନ୍ ଦେଶରେ ଏବଂ ତା' ବାହାରେ ଏକ ବୃହତ୍ ବିଜୟ ପ୍ରଦାନ କରନ୍ତୁ । ସାଂପ୍ରତିକ ପରିସ୍ଥିତି ଅନୁଯାୟୀ ଉକ୍ତ ପୁସ୍ତକଟି ଅତ୍ୟନ୍ତ ଚିତ୍ତାକର୍ଷକ ଓ ଉପାଦେୟ ଅଟେ । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-12, ପୃ-35)**

ପୁନଶ୍ଚ ହ. ମୁସ୍ଲେହ୍ ମଉଦ୍ ର.ଅଙ୍କ ବିୟୋଗାନ୍ତେ ଶ୍ରୀନଗରର ରୌଶ୍ନୀ ନାମକ ଏକ ସମ୍ବାଦପତ୍ର ଉଲ୍ଲେଖ କଲା ଯେ, ୧୧ ନଭେମ୍ବର ୧୯୬୫ ମସିହାରେ ଅଖିଳ ଭାରତୀୟ କାଶ୍ମୀର କମିଟିର ମୁଖ୍ୟ ସଭାପତି ମହୋଦୟ ସ୍ୱର୍ଗତ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବଙ୍କ ଅକାଳ ବିୟୋଗ। ସେ କୁହନ୍ତି, ମହୋଦୟ ଅତ୍ୟନ୍ତ ଉତ୍ତମ ବିଦ୍ୱାନ୍ ଓ ବୁଦ୍ଧିଜୀବି ବ୍ୟକ୍ତି ଥିଲେ । ଭାଷଣ ଦେବାରେ ଆପଣ ର.ଅଙ୍କର ପଟ୍ଟାନ୍ତର ନାହିଁ । ଏପର୍ଯ୍ୟନ୍ତକି ଆପଣ ର.ଅ ଇସ୍ଲାମ୍ର ଇକ୍ତିସାଦି ନିଜାମ୍ (ଇସ୍ଲାମୀୟ ଅର୍ଥନୈତିକ ବ୍ୟବସ୍ଥା) ଓ ଇସ୍ଲାମ୍ର ନିଜାମେ ନୌ (ଇସ୍ଲାମ୍ ଧର୍ମର ନୂତନ ବ୍ୟବସ୍ଥା)ଭଳି ଗୂଢ ବିଷୟବସ୍ତୁ ସମ୍ବଳିତ ଏକାପରି ଯେଉଁ ଭାଷଣ ଦେଇଥିଲେ ତାହା ପୁସ୍ତକ ଆକାରରେ ପ୍ରକାଶିତ ହୋଇ ସର୍ବସାଧାରଣଙ୍କ ପ୍ରିୟଭାଜନ ହୋଇ ପାରିଛି ବା ସ୍ୱୀକୃତି ଲାଭ କରିପାରିଛି । ଆପଣ ର.ଅଙ୍କ ବିଦ୍ୱାନି ମନୀଷି ହେବାର ଆକଳନ ଏହି କଥାରୁ କରାଯାଇପାରିବ ଯେ, ଆନ୍ତର୍ଜାତିକ ନ୍ୟାୟପାଳିକାର ଜଜ୍ (ବିଚାରକ) ସର୍ ଜଫ୍ରୁଲ୍ଲାଃ ଖାନ୍ ସାହେବ ମଧ ଆପଣ ର.ଅଙ୍କ ଶିଷ୍ୟଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଏହି ଶବ୍ଦାବଳୀରେ ଆପଣ ର.ଅଙ୍କ ସୁଗୁଣାବଳୀମୂଳକ ଅସ୍ତିତ୍ୱର ଏକ ମନମୁଗ୍ଧକର ସାରାଂଶ ଉପସ୍ଥାପିତ ହୋଇଥାଏ ଯାହାକି ଅନ୍ୟ ଜଣେ ବ୍ୟକ୍ତିର ଅସ୍ତିତ୍ୱରେ ମିଳିବା ଦୁର୍ଲଭ (ନକହିଲେ ଚଳେ ଅର୍ଥାତ ଅତି କଷ୍ଟସାଧ୍ୟ) ଅଟେ । ଆପଣ ର.ଅ ଚିନ୍ତାଧାରା ଓ ବ୍ୟବହାରିକ ତଥା କାର୍ଯ୍ୟଭିତ୍ତିକ କ୍ଷେତ୍ରରେ ଏକୁଟିଆ ଅଶ୍ୱାରୋହୀ ଅଟନ୍ତି । ଆପଣ ର.ଅ ପ୍ରକାଶ୍ୟଭିତ୍ତିକ ଜ୍ଞାନ ଏବଂ ଅନ୍ତରୀଣମୂଳକ ବିଦ୍ୟାର ନିର୍ଝର ଅଟନ୍ତି । ଆପଣ ର.ଅଙ୍କ ଜୀବନର ଅନେକାଂଶ ଚର୍ଚ୍ଚା ଓ ଚିନ୍ତାରେ ଅତିବାହିତ ହୋଇଥାଏ । କିନ୍ତୁ କର୍ମ କ୍ଷେତ୍ରରେ ଆପଣ ର.ଅ ଏକ ଦୃଢନିଶ୍ଚଳ ଏବଂ ଜଣେ ସତ୍ସାହାସୀ କାଏଦ୍ (ଧର୍ମନେତା) ମଧ ଅଟନ୍ତି । ମହୋଦୟ ପୁନଶ୍ଚ କୁହନ୍ତି, ସମ୍ମାନିତ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବଙ୍କ ପ୍ରତ୍ୟେକ କାଶ୍ମୀରୀ ଅଧିବାସୀମାନେ ପ୍ରଶଂସକ ଅଟନ୍ତି । କାରଣ ତେହ୍ରିକେ ହୁର୍ରିୟତେ କାଶ୍ମୀର୍ରେ ଆପଣ ର.ଅଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା । ୧୯୩୧ ମସିହାରେ ଯେତେବେଳେ କାଶ୍ମୀର ଆହ୍ୱାନ ପ୍ରାରମ୍ଭ ହେଲା ସେତେବେଳେ ଆପଣ ର.ଅ ହିଁ ଅଖିଳ ଭାରତୀୟ କାଶ୍ମୀର କମିଟିର ପ୍ରଥମ ସଭାପତି ଥିଲେ ଏବଂ ଆପଣ ର.ଅଙ୍କ ଉଦ୍ୟମ ବଳରେ ହିଁ ଏହି ଆହ୍ୱାନ ସାଫଲ୍ୟମଣ୍ଡିତ ହୋଇଥିଲା । ଫଳତଃ ଆପଣ ର.ଅଙ୍କ ପ୍ରସିଦ୍ଧି ଚତୁର୍ଦିଗରେ ବ୍ୟାପୀ ଯାଇଥିଲା । **(ତାରିଖେ ଅହେମଦିୟତ୍, ଗ୍ରନ୍ଥଖଣ୍ଡ-23, ପୃ-184-185)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଜମାଅତ୍ ଅହେମଦିୟା ଇତିହାସରେ ହ. ମୁସ୍ଲେହ୍ ମଉଦ୍ ର.ଅଙ୍କ ବିଖ୍ୟାତ ସମ୍ମିଳନୀ ୱେମ୍ବଲେ କନ୍ଫେରେନ୍ସ ଅଟେ । ଉକ୍ତ ସମ୍ମିଳିନୀର ଏକ ଅଧିବେଶନରେ ଆପଣ ର.ଅ ଯେଉଁ ଭାଷଣ ଦେଇଥିଲେ ବିଷୟବସ୍ତୁର ସର୍ବଶେଷରେ ଜଲ୍ସାର ସଭାପତି ମହୋଦୟ ସଂକ୍ଷେପରେ ପ୍ରତିକ୍ରିୟା ରଖି କହିଲେ, ମୁଁ ଆଉ ଅଧିକ କିଛି କହିବାର ଆବଶ୍ୟକତା ମନେକରୁ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ନାହିଁ । ବିଷୟବସ୍ତୁର ସୌନ୍ଦର୍ଯ୍ୟ ଏବଂ ମାଧୁର୍ଯ୍ୟତାର ଆକଳନ ସ୍ୱୟଂକୁ ନିବନ୍ଧ କରାଇ ଦେଇଛି । ବର୍ତ୍ତମାନ ଏମାନେ ସମସ୍ତେ ଇଂରେଜ ଓ ଇଂରାଜୀ ପଢୁଆ ଅଟନ୍ତି। ମୁଁ କେବଳ ନିଜ ତରଫରୁ ଓ ଉପସ୍ଥିତ ମଣ୍ଡଳୀଙ୍କ ପକ୍ଷରୁ ନିବନ୍ଧର ସୌନ୍ଦର୍ଯ୍ୟତା, ସୁଚିନ୍ତାଧାର ଓ ସର୍ବୋଚ୍ଚ ସ୍ତରୀୟ ବିଷୟବସ୍ତୁକୁ ପ୍ରତିପାଦିତ କରିବାର କଳା ପାଇଁ ଖଲିଫତୁଲ୍ ମସିହ୍‌ଙ୍କ କୃତଜ୍ଞତା ଜ୍ଞାପନ କରୁଛି । ଉପସ୍ଥିତ ସଭାମଣ୍ଡଳୀ ମୋ କଥା ସହିତ ଏକମତ ଅଟନ୍ତି । ମୁଁ ଏହି ବିଶ୍ୱାସ ରଖୁଛି ଯେ, ସେମାନେ ଏହା ସ୍ୱୀକାର କରନ୍ତି ଯେ, ମୁଁ ସେମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିବାରେ ପ୍ରକୃତ ଅଧିକାରୀ ଅଟେ ଓ ସେମାନଙ୍କର ଅନୁବାଦକର ଭୂମିକା ନିର୍ବାହ କରୁଅଛି । ପୁନଶ୍ଚ ହ. ସାହେବଙ୍କ ଆଡ଼କୁ ସମ୍ବୋଧିତ କରି କହିଲେ, ମୁଁ ଆପଣଙ୍କୁ ଆପଣଙ୍କ ନିବନ୍ଧର ସଫଳତାପୂର୍ବକ ଉପସ୍ଥାପନ ହେତୁ ହାର୍ଦ୍ଦିକ ଅଭିନନ୍ଦ ଜଣାଉଛି। ଆଜି ଆପଣ ର.ଅ ଯେଉଁ ନିବନ୍ଧଟି ପାଠ କରିଛନ୍ତି ତାହା ବାସ୍ତବରେ ସର୍ବୋତ୍କୃଷ୍ଟ ନିବନ୍ଧ ଥିଲା । ରିପୋର୍ଟ ଉଲ୍ଲେଖକାରୀ ବ୍ୟକ୍ତିମାନେ ଉଲ୍ଲେଖ କରନ୍ତି ଯେ, ଜଣେ ବ୍ୟକ୍ତି ହୁଜୁର ର.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ସେ କହିଲେ, ମୁଁ ଭାରତରେ ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଛି ଏବଂ ମୁସଲମାନମାନଙ୍କର ସ୍ଥିତାବସ୍ଥା ତଥା ସେମାନଙ୍କର ପ୍ରାମାଣ୍ୟର ଅଧ୍ୟୟନ କରିଛି । କାରଣ ମୁଁ ଜଣେ ମିଶ୍‌ନାରୀ ହିସାବରେ ଭାରତ ବର୍ଷରେ ଅବସ୍ଥାନ କରିଥିଲି । କିନ୍ତୁ ଆଜି ଆପଣ ର.ଅ ଯେଉଁଭଳି ସୁନ୍ଦର, ନିର୍ମଳ ଏବଂ ସୂକ୍ଷ୍ମ ଭାବରେ ନିବନ୍ଧକୁ ଉପସ୍ଥାପିତ କଲେ ମୁଁ ଏହା ପୂର୍ବରୁ କୌଣସି ସ୍ଥାନରେ ଶୁଣି ନାହିଁ । ଏହି ନିବନ୍ଧଟିକୁ ଶୁଣି ସାରିବା ପରେ ମୋର ଚିନ୍ତାଧାରାରେ କ୍ରମିକତା ଦୃଷ୍ଟିରୁ ଏବଂ ପ୍ରାମାଣିକତା ଦୃଷ୍ଟିରୁ ଅତ୍ୟନ୍ତ ଗଭୀର ପ୍ରଭାବ ପଡ଼ିଛି । ସେ ଯାହା ହେଉ ନା କାହିଁକି ଆପଣ ର.ଅଙ୍କ ସଂକ୍ରାନ୍ତରେ ଏହିଭଳି ଅନେକ ବ୍ୟକ୍ତିଙ୍କ ମତାମତ ଓ ପ୍ରତିକ୍ରିୟା ରିହଛି । **(ଅଲ୍ ଫଜଲ୍ 23 ଅକ୍ଟୋବର 1924 ମସିହା, ଗ୍ରନ୍ଥଖଣ୍ଡ-12, ପୃ-4-45)**

ଆପଣ ର.ଅଙ୍କ ବିଭିନ୍ନ ବିଷୟକୁ କେନ୍ଦ୍ର କରି ଅନେକ ନିବନ୍ଧ, ଖିତାବାତ୍ (ଉଦ୍‌ବୋଧନାବଳୀ) ରହିଛି । ଯେପରିକି ମୁଁ ପ୍ରାରମ୍ଭରେ କହି ସାରିଛି ଯେ, ମୁଁ ନିଜର ଖୁତ୍‌ବାରେ ଆପଣ ର.ଅଙ୍କ କେତେକ ଖୁତ୍‌ବାତ୍, ଖିତାବାତ୍‌ର ଉଦାହରଣ ଉପସ୍ଥାପିତ କରିଛି । ତନ୍ମଧ୍ୟରୁ ୧୯୨୪ ମସିହାରେ ଯେତେବେଳେ ହୁଜୁର ର.ଅ ୟୁରୋପ ଗମନ କଲେ ସେତେବେଳେ ମାର୍ଗରେ ଆରବ ଦେଶରେ ମଧ୍ୟ ଅବସ୍ଥାନ କଲେ । ତତ୍‌ସଂକ୍ରାନ୍ତରେ ଦମିଶ୍‌କର 'ଫତ୍‌ହୁଲ୍ ଆରବ୍' ନାମକ ସମ୍ବାଦ ପତ୍ରର ସମ୍ପାଦକ ୧୯୨୪ ମସିହା ଅଗଷ୍ଟ ମାସ ୧୦ ତାରିଖର ପ୍ରକାଶନରେ ଉଲ୍ଲେଖ କଲେ ଯେ, ଖଲିଫା ସାହେବ ନିଜ ବୟସର ୪୦ ତମ ବର୍ଷରେ ଅଛନ୍ତି । ମୁଖମଣ୍ଡଳରେ କଳା ରଙ୍ଗର ପ୍ରଶସ୍ତ ଦାଢି ରଖନ୍ତି, ଶରୀର ଗହମ ବର୍ଣ୍ଣ ପରି ଏବଂ ଭବ୍ୟ ଓ ତେଜସ୍ୱୀତା ତଥା ଓଜସ୍ୱୀତା ବିଦ୍ୟମାନ ରହିଛି। ତାଙ୍କର ଉଭୟ ଚକ୍ଷୁ, ବୁଦ୍ଧିମତା, ଚାତୁର୍ଯ୍ୟତାର ଅସାଧାରଣ ଜ୍ଞାନ ଏବଂ ବୌଦ୍ଧିକତାର ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଥିଲା । ଆପଣ ର.ଅଙ୍କ ଶରୀରର ଚର୍ମ ଧବଳ ବର୍ଣ୍ଣ ଏବଂ ପରିଷ୍କାର ଅଟେ । ନିଜ ମସ୍ତକରେ ପରିଧାନ କରିଥିବା ପଗଡ଼ିର ରଙ୍ଗ ବରଫ ପରି ଧବଳ ବର୍ଣ୍ଣ ଓ ପରିଷ୍କାର ଅଟେ । ଆପଣ ର.ଅଙ୍କ ବୁଦ୍ଧି ଏବଂ ଶାରୀରିକ ଭଙ୍ଗୀ ତଥା ପରିପାଟିକୁ ଦେଖିଲେ ଏହା ବିଶ୍ୱାସ ହୋଇଯିବ ଯେ, ଆପଣ ଏହିଭଳି ଏକ ବ୍ୟକ୍ତିଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ଯାହାଙ୍କୁ ଆପଣ ବୁଝିବା ପୂର୍ବରୁ ସେ ଆପଣଙ୍କୁ ଭଲ ଭାବରେ ଚିହ୍ନି ନେବେ । ଆପଣ ର.ଅଙ୍କ ତୁଣ୍ଡରେ ପ୍ରସନ୍ନତା ସର୍ବଦା ବିଚରଣ କରିଥାଏ ଯାହାକି କେତେବେଳେ ପ୍ରକାଶ୍ୟ ହୋଇଥାଏ ତ' ଆଉ କେତେବେଳେ ଲୁକ୍କାୟିତ ହୋଇ ରହିଥାଏ । ଆପଣ ର.ଅଙ୍କ ମୁଖମଣ୍ଡଳରେ ସର୍ବଦା ସ୍ମିତହାସ୍ୟତା ପ୍ରକାଶିତ ଓ ବିଦ୍ୟମାନ ରହିଥାଏ । ପୁନଶ୍ଚ ଫତ୍‌ହୁଲ୍ ଆରବ୍‌ର ସମ୍ପାଦକ ନିଜର ପାଠକବର୍ଗଙ୍କୁ କୁହନ୍ତି ହ. ମହୋଦୟଙ୍କ ମୁଖମଣ୍ଡଳରେ ଯେଉଁ ସ୍ମିତହାସ୍ୟତାର ଅର୍ଥ ଓ ଝଲକମାନ ବିଦ୍ୟମାନ ରହିଛି, ତହିଁରେ ଯେଉଁ ଓଜସ୍ୱୀତାମୂଳକ ପ୍ରତିଭା ରହିଛି ତେବେ ଆପଣମାନେ ସେହି ଓଜସ୍ୱୀତାମୂଳକ ପ୍ରତିଭାକୁ ଦେଖି ଅବଶ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯିବେ । **(ମାସିକ୍ ଖାଲିଦ୍ ଲେଖକ-ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ, ପ୍ରକାଶ ସଂଖ୍ୟା-ଜୁନ୍ ଜୁଲାଇ, 2008 ମସିହା, ପୃ-320)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଏହିପରି ଆପଣ ର.ଅଙ୍କ ସଂକ୍ରାନ୍ତରେ ଅଣଅହମଦିମାନଙ୍କର ଅନେକ ପ୍ରତିକ୍ରିୟା ରହିଛି ଯେଉଁମାନଙ୍କୁ ଆପଣ ର.ଅଙ୍କ ସାହାଚର୍ଯ୍ୟତ୍ୱରେ ରହିବା ପାଇଁ ସ୍ୱଳ୍ପ ବହୁତ ସୁଯୋଗ ପ୍ରାପ୍ତ ହେଲା ସେହିମାନେ ହିଁ ଆପଣ ର.ଅଙ୍କ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ ଏହିପରି ଅସଂଖ୍ୟ ପ୍ରତିକ୍ରିୟା ରହିଛି, ମୁଁ ଯେଉଁ ତଥ୍ୟା ସଂଗ୍ରହ କରିଥିଲି କିନ୍ତୁ ସମୟାଭାବ ହେତୁ ତାହାକୁ ମୁଁ ସାରାଂଶ ଆକାରରେ ଖୁତ୍‌ବାରେ ଉପସ୍ଥାପିତ କରିଛି । ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ଭବିଷ୍ୟତବାଣୀରେ ଯେଉଁ ସୂଚନା ପ୍ରଦାନ କରିଥିଲେ ସେହି ମସସ୍ତ ଭବିଷ୍ୟତବାଣୀ ହ. ମିର୍ଜା ବଶୀରୁଦ୍ଦୀନ ମେହ୍‌ମୁଦ୍ ସାହେବ୍ ର.ଅଙ୍କ ବ୍ୟକ୍ତିତ୍ୱରେ ପୂର୍ଣ୍ଣ ହେଲା । ଆପଣ ର.ଅଙ୍କୁ ଅଲ୍ଲାଃତାଲା ଯେଉଁ ଜ୍ଞାନ ଓ ପରିଚୟ ପ୍ରଦାନ କରିଥିଲେ ତାହାର ବରିଷ୍ଠ ବିଦ୍ୱାନ୍ ପଣ୍ଡିତମାନେ ମଧ୍ୟ ମୁକାବିଲା କରିପାରିବ ନାହିଁ । ଆପଣ ର.ଅଙ୍କ ପ୍ରଦତ୍ତ ସାହିତ୍ୟ ଜମାଅତ୍ ପାଇଁ ଏକ ଅମୂଲ୍ୟ ନିଧି ଅଟେ । ଆପଣ ର.ଅଙ୍କ ଖୁତ୍‌ବାତ୍, ଖିତାବାତ୍ (ଉଦ୍‌ବୋଧନାବଳୀ) ଆଦି ଯାହା ପ୍ରକାଶିତ ହୋଇଯାଇଛି ତାହାକୁ ପଢିବା ଉଚିତ। ବର୍ତ୍ତମାନ ଅନୁବାଦର କାର୍ଯ୍ୟ ମଧ୍ୟ ଅବ୍ୟାହତ ରହିଛି । ଅଲ୍ଲାଃତାଲା ଆମମାନଙ୍କୁ ଏହି ଜ୍ଞାନଭିତ୍ତିକ ନିଧିରୁ ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

## (ଖୁତ୍‌ବା ଜୁମା)

**ବଦର୍‌ବାସୀ ବା ବଦ୍‌ରୀ ସାହାବାମାନଙ୍କୁ ଅଣବଦର୍ ବାସୀ (ସାହାବାମାନ)ଙ୍କ ତୁଳନାରେ ଅଧିକ ମର୍ଯ୍ୟାଦା ପ୍ରାପ୍ତ ହୋଇଛି (ହଜ୍‌ରତ ଅଲି) ।**

**ନୈଷ୍ଠିକତା ଓ ବିଶ୍ୱସ୍ତତାର ଚଳନ୍ତି ପ୍ରତିମା ବଦ୍ରି ସାହାବା ହ. ଆମୀର ବିନ୍ ରବିୟା, ହ. ହରାମ ବିନ୍ ମିଲ୍‌ହାନ୍, ହ. ସାଆଦ୍ ବିନ୍ ଖୌଲା ହ. ଅବୁ ଲହୈସମ୍ ବିନ୍ ଅତ୍-ତହିୟାନ୍, ହ.ଆସିମ୍ ବିନ୍‌ତ୍ ସାବିତ୍, ହ. ସହଲ୍ ବିନ୍ ହୁନୈଫ ଅନ୍‌ସାରୀ, ହ. ଉମୈର୍ ବିନ୍ ଅବି ୱକ୍କାସ୍ ର.ଅ. ହ. କୁତ୍‌ବା ବିନ୍ ଆମିର୍ ର.ଅଙ୍କର ସଂପର୍କରେ କେତେକ ବର୍ଣ୍ଣନାର ଚର୍ଚ୍ଚା ।**

**ହ. ହରାମ୍ ର.ଅ କ୍ଷତରୁ ବାହାରୁଥିବା ରକ୍ତକୁ ହାତରେ ନେଲେ ଓ ନିଜ ମୁଖମଣ୍ଡଳରେ ବୋଳି ହୋଇ କହିଲେ,** اَللّٰہُ اَکْبَرُ! فُزْتُ وَرَبِّ الْکَعْبَۃِ **ଅର୍ଥାତ, ଆଲ୍ଲାତାଲା ମହାନ ଅଟନ୍ତି ! ମୁଁ କାବାର ପ୍ରଭୁଙ୍କ ଶପଥ କରି କହୁଛି ମୋର ଜୀବନ ସାର୍ଥକ ଏବଂ ଧନ୍ୟ ହୋଇଗଲା ।**

**ଏହି (ଖୁତ୍‌ବା) ପରେ ବଦ୍‌ରୀ ସାହାବାମାନଙ୍କ ସଂପର୍କରେ ଥିବା ଏହି ପରମ୍ପରାଟି ଯାହାକୁ ମୁଁ ବର୍ଣ୍ଣନା କରୁଥିଲି ତାହା ଆଜି ଶେଷ ହୋଇଯିବ।**

**ବିରୋଧାତ୍ମକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନ, ବୁର୍କିନା ଫାସୋ ଏବଂ ଆଲ୍‌ଜେରିଆରେ ରହୁଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବା, ଦାନ ଉପରେ ଗୁରୁତ୍ୱାରୋପ କରିବା ସଂକ୍ରାନ୍ତରେ ଆହ୍ୱାନ । ଗୁଜରାଟ ଜିଲ୍ଲାର ସ୍ୱର୍ଗତ ଶହୀଦ ସମ୍ମାନନୀୟ ମୁହମ୍ମଦ ରସିଦ୍ ସାହେବ, ସମ୍ମାନନୀୟା ସ୍ୱର୍ଗତା ଅମାନୀ ବସାମ୍ ମଜ୍‌ଲାୟୱୀ ସାହେବା ତଥା ପ୍ରିୟ ସଲାହ୍ ଅବ୍‌ଦୁଲ୍ ମୁଇନ କୁତୈଶ୍ ଅଫ୍ ଇସ୍କନ୍ଦରୁନ୍ (ତୁର୍କୀ) ଓ**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

**ପାକିସ୍ତାନର କ୍ୱେଟା ଜିଲ୍ଲା ଅନ୍ତର୍ଗତ ସମ୍ମାନନୀୟ ସ୍ୱର୍ଗତ ମକ୍‌ସୁଦ୍ ଅହେମଦ ମୁନିବ ସାହେବ (ମୁବଲ୍ଲିଗ୍ ସିଲସିଲା)ଙ୍କ ବିୟୋଗ, ମୃତକମାନଙ୍କ ଉତ୍ତମଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 24 Feb 2023 ମସିହା ଅନୁଯାୟୀ ୨୪ ତବ୍‌ଲିଗ୍ /୧୪୦୨ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ପୂର୍ବେ ବଦ୍‌ରୀ ସାହାବାମାନଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ସେହି କ୍ରମରେ ଆଉ କେତେକ ବଦ୍‌ରୀ ସାହାବାମାନଙ୍କର ଜୀବନୀ ସଂପର୍କରେ ଆଜି ମଧ୍ୟ ଆଲୋଚନା କରିବି । ସମ୍ଭବତଃ ସେହି ବଦ୍‌ରୀ ସାହାବାମାନଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଆଜି ସମାପ୍ତ ହୋଇଯିବ ।

ହ. ଆମିର୍ ବିନ୍ ରବିୟାଙ୍କ ସଂପର୍କରେ ଉଲ୍ଲେଖ ରହିଛି ଯେ, ତାଙ୍କ ପିତାଙ୍କ ନାମ ରବିୟା ବିନ୍ କାଆବ୍ ବିନ୍ ମାଲିକ୍ ବିନ୍ ରବିୟା ଥିଲା । ତାଙ୍କ ଠାରୁ କେତେକ ବର୍ଣ୍ଣନା ଉଲ୍ଲେଖ ଥିବାର ପ୍ରମାଣ ମିଳେ । ଅବଦୁଲ୍ଲାଃ ବିନ୍ ଆମିର୍ ବିନ୍ ରବିୟା ନିଜର ମାତାଶ୍ରୀ ହ. ଉମ୍ମେ ଅବଦୁଲ୍ଲାଃ ଲୈଲା ବିନ୍ତ୍ ଅବୁ ହସ୍‌ମାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ବର୍ଣ୍ଣନା କରନ୍ତି ଯେ, ଆମେମାନେ ହବ୍‌ଶା ଅଭିମୁଖେ ପ୍ରବାସ କରିବା ପାଇଁ ପ୍ରସ୍ତୁତ ଥିଲୁ ଓ ଆମିର୍ ବିନ୍ ରବିୟା ର.ଅ କୌଣସି କାର୍ଯ୍ୟ ସକାଶେ କେଉଁଆଡ଼େ ଚାଲିଯାଇଥିଲେ କି ହ. ଉମର୍ ର.ଅ ଯେକି ବର୍ତ୍ତମାନ ସୁଦ୍ଧା ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଅବସ୍ଥାରେ ଜୀବନ ଯାପନ କରୁଥିଲେ, ସେଠାରେ ଆସି ପହଞ୍ଚିଗଲେ ଏବଂ ତାଙ୍କ ଠାରୁ ଆମେମାନେ ବହୁତ ଦୁଃଖ କଷ୍ଟ ପାଉଥିଲୁ । ହ. ଉମର୍ ର.ଅ ମୋତେ କହିଲେ, ହେ ଉମ୍ମେ ଅବଦୁଲ୍ଲାଃ! ବୋଧେ ସମସ୍ତେ କେଉଁଆଡ଼େ ବାହାରିଛ ? ମୁଁ କହିଲି ହଁ ଗୋଟେ ସ୍ଥାନକୁ ଯାଉଛୁ। ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଆମେମାନେ ଅଲ୍ଲାଃତାଲାଙ୍କ ଭୂମି ଉପରେ ଚାଲିଥାଉ ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଆମମାନଙ୍କ ପାଇଁ ଭୂପୃଷ୍ଠ ପ୍ରଶସ୍ତ କରିଦେବେ । ତୁମେମାନେ ଆମମାନଙ୍କ ଉପରେ ଅକଥନୀୟ ଅନ୍ୟାୟ ଏବଂ ଅତ୍ୟାଚାର କରିଛ ଓ ଆମମାନଙ୍କୁ ବହୁତ ଦୁଃଖ କଷ୍ଟ ଦେଇଛ । ହ. ଉମର୍ ର.ଅ କହିଲେ ଅଲ୍ଲାଃତାଲା ତୁମର ରକ୍ଷା କରନ୍ତୁ ଓ ତୁମର ସାହା ହୁଅନ୍ତୁ !

ଉମ୍ମେ ଅବଦୁଲ୍ଲାଃ ର.ଅ କୁହନ୍ତି, ମୁଁ ଅନ୍ୟ କୌଣସି ଦିନ ହ. ଉମର୍ ର.ଅଙ୍କ କଣ୍ଠରେ ଏହିଭଳି ସହାନୁଭୂତିପୂର୍ଣ୍ଣ ସ୍ୱର ଦେଖି ନଥିଲି ଯେଉଁଭଳି ଆଜି ଦେଖିଲି। ଏହାପରେ ହ. ଉମର୍ ର.ଅ ସେଠାରୁ ଚାଲିଗଲେ । ଆମମାନଙ୍କର ପ୍ରବାସ କରିବା ଫଳରେ ସେ ଅତ୍ୟନ୍ତ ବ୍ୟଥିତ ଓ ମର୍ମାହତ ହୋଇ ପଡ଼ିଥିଲେ । ଉମ୍ମେ ଅବଦୁଲ୍ଲାଃ ର.ଅ କୁହନ୍ତି ଯେ, ଠିକ୍ ସେତିକିବେଳେ ହ. ଆମିର୍ ର.ଅ ନିଜ କାମ ସାରି ଯେତେବେଳେ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ, ହେ ଅବୁ ଅବଦୁଲ୍ଲାଃ ! ଆମିର୍ କ'ଣ ଆପଣ ବି ହ. ଉମର୍ ର.ଅଙ୍କ ସମବେଦନାକୁ ଅନୁଭବ କରିଛନ୍ତି ? ହ. ଆମିର୍ ର.ଅ ଉତ୍ତର ଦେଲେ ଯେ, ହେ ଉମ୍ମେ ଅବଦୁଲ୍ଲାଃ ବିନ୍ ଲୈଲା ! କ'ଣ ତୁମେ ଇଚ୍ଛୁକ ଯେ, ହ. ଉମର୍ ର.ଅ ମୁସଲମାନ ହୋଇଯାଆନ୍ତୁ? ପ୍ରତ୍ୟୁତ୍ତରରେ ଉମ୍ମେ ଅବ୍ଦୁଲ୍ଲାଃ କହିଲେ ହଁ । ପୁନଶ୍ଚ ହ. ଆମିର୍ ର.ଅ କହିଲେ, ଖତ୍ତାବ୍‌ଙ୍କ ଗଧ ମୁସଲମାନ ହୋଇପାରିବ କିନ୍ତୁ ସେ (ଉମର୍ ର.ଅ) କଦାପି ଇସ୍‌ଲାମ୍ ଧର୍ମ ଗ୍ରହଣ କରିବେ ନାହିଁ । ହ. ଲୈଲା କୁହନ୍ତି ଯେ, ଆମିର୍ ର.ଅ ଏପରି ଉକ୍ତି ନିରାଶ ହୋଇ ଏଇଥି ପାଇଁ କହିଥିଲେ । କାରଣ ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମ ପ୍ରତି ବିରୋଧ ଏବଂ କ୍ରୁରତାମୂଳକ ଆଚରଣ ପ୍ରଦର୍ଶନ କରୁଥିଲେ। **(ଉସ୍‌ଦୁଲ୍ ଗାବା, ଭାଗ-3, ପୃ-118, ଆମିର୍ ବିନ୍ ରବିୟା, ପ୍ରକାଶନୀ ସଂସ୍ଥା- ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2003 ମସିହା) (ଫଜାଏଲୁସ୍ ସାହାବତା ଲିଇମାମିଲ୍ ଅହମଦ୍ ବିନ୍ ହମ୍ବଲ୍, ଭାଗ1-, ପୃ-279, ଯାମିଉଲ୍ କୁରା-1983 ମସିହା) (ଅସ୍ ସିରତୁନ୍ ନବ୍‌ୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ଭାଗ-1, ପୃ-370, ଦାରୁଲ୍ କୁତୁବୁଲ୍ ଅରବି, ବୈରୁତ୍, ଲେବ୍‌ନାନ୍ -1990 ମସିହା)**

ହ. ଅବଦୁଲ୍ଲାଃ ବିନ୍ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କର ପିତାଶ୍ରୀ ହ. ଆମିର୍ ବିନ୍ ରବିୟା ର.ଅ କହିଲେ ଯେ, ଆଁହଜରତ ସ.ଅ ଯେତେବେଳେ ଆମମାନଙ୍କୁ ସରିୟା ନଖିଲା ଯାହାର ଅନ୍ୟ ନାମ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସ୍ୱୟଂ ସମ୍ମିଳିତ ହୋଇ ନଥିଲେ) ଅବଦୁଲ୍ଲାଃ ବିନ୍ ହଜଶ୍ ମଧ୍ୟ ଥିଲା ପ୍ରେରଣ କରୁଥିଲେ (ଉକ୍ତ ସରିୟାଟି ବଦର୍ ଯୁଦ୍ଧ ପୂର୍ବର ଥିଲା) । ଆମ ସହିତ ହ. ଅମର୍ ବିନ୍ ସୁରାକା ମଧ୍ୟ ଥିଲେ । ସେ ହାଲୁକା ପେଟର ବ୍ୟକ୍ତି ଥିଲେ ଏବଂ ଲମ୍ବା ବ୍ୟକ୍ତି ଥିଲେ । ମାର୍ଗରେ ତାଙ୍କୁ ଖୁବ୍ ଜୋରରେ ଭୋକ ଲାଗିଲା ଏବଂ ସେ ଅଟକି ଗଲେ । ଆମ ସହିତ ଚାଲିବା ପାଇଁ ମଧ୍ୟ ତାଙ୍କ ନିକଟରେ ସାମର୍ଥ୍ୟ ଓ ଶକ୍ତି ମଧ୍ୟ ନଥିଲା । ତେଣୁ ସେ ଭୂମି ଉପରେ ଅଚେତ ହୋଇ ପଡ଼ିଗଲେ । ଭୋକର ଏହି ଦାଉ ସାଧିଲା ଭଳି ଅବସ୍ଥା ଥିଲା ଯେ, ଆମେମାନେ ନିଜ ପେଟରେ ଏକ ପଥର ରଖି ତାଙ୍କ ଅଣ୍ଟାରେ ସେହି ପଥରକୁ ଭିଡ଼ି ବାନ୍ଧି ଦେଲୁ । ପୁନଶ୍ଚ ସେ ଆମ ସହିତ ଚାଲିବାକୁ ଲାଗିଲେ । ଆମେମାନେ ଏକ ଆରବୀୟ ସଂପ୍ରଦାୟ ନିକଟରେ ପହଞ୍ଚିଲୁ, ସେମାନେ ଆମର ଆତିଥ୍ୟତା କଲେ । ଏହାପରେ ଆପଣ ର.ଅ ଚାଲିବାକୁ ଲାଗିଲେ ଓ କହିଲେ ଯେ, "ମୁଁ ଭାବୁଥିଲି ଯେ, ମନୁଷ୍ୟର ଗୋଡ଼ ତା'ର ପେଟକୁ ଧାରଣ କରି ରଖିଛି । କିନ୍ତୁ ପ୍ରକୃତରେ ମନୁଷ୍ୟର ପେଟ ତା'ର ଗୋଡ଼କୁ ଧାରଣ କରି ରଖିଛି।" **(ମାଆରିଫତୁସ୍ ସହାବତୁ, ଲେଖକ-ଅଲ୍ଲାମା ଅବୁ ନଈମ୍, ଭାଗ-1, ପୃ-2004-2005, ଅମ୍ର ବିନ୍ ସୁରାକା, ଦାରୁଲ୍ ୱତନ୍ ଲିନ୍ ନଶର୍) (ସିରତ୍ ଖାତମୁନ୍ ନବିୟିନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ୍ ସାହେବ, ଏମ୍.ଏ ର.ଅ, ପୃ-330)**

ଯେତେବେଳେ ମନୁଷ୍ୟ ଭୋକିଲା ଅବସ୍ଥାରେ ଥାଏ, ଭୋକ ଯୋଗୁଁ ଉହଲ୍ ବିକଳ ହୋଉଥାଏ,ସେତେବେଳେ ସେ ଦୁର୍ବଳ ହୋଇପଡ଼ିଥାଏ ଏବଂ ସେ ଚଲାବୁଲା ମଧ୍ୟ କରିପାରେ ନାହିଁ । ହ. ଅବୁ ଅମାମା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏକ ଅବସରରେ ହ. ଆମିର୍ ବିନ୍ ରବିୟା ଓ ହ. ସହଲ୍ ବିନ୍ ହୁନୈଫ୍ ର.ଅଙ୍କୁ ଗୁଇନ୍ଦା କାର୍ଯ୍ୟ ନିମନ୍ତେ ପ୍ରେରଣ କଲେ । **(କନ୍‌ଜୁଲ୍ ଉମ୍ମାଲରୁ ଆନୀତ, ଭାଗ-4, ପୃ-470, ହଦିସ୍ ନଂ-11399, ମୁଅସ୍‌ସତୁର୍ ରିସାଲତୁ ବୈରୁତ୍, ଲେବ୍‌ନାନ୍-1985 ମସିହା)**

୪ ହିଜରୀରେ ଜାତୁସ୍ ସଲାସିଲ୍ ଯୁଦ୍ଧ ହୋଇଥିଲା । ଉକ୍ତ ଯୁଦ୍ଧରେ ହ. ଆମିର୍ ବିନ୍ ରବିୟାହ୍ ସାମିଲ ଥିଲେ । ଉକ୍ତ ଯୁଦ୍ଧରେ ଆପଣ ର.ଅଙ୍କ ବାହୁରେ ଏକ ତୀର ବାଜି ଥିଲା । ଫଳତଃ ଆପଣ ର.ଅ ଆହତ ହୋଇଥିଲେ । **(ସେରେ ଆଲାମୁନ୍ ନବ୍‌ଲା, ସିରତୁନ୍ ନବି, ଭାଗ-2, ପୃ-149, ଗଜ୍‌ୱାତୁସ୍ ସଲାସିଲ୍, ଅର୍ ରିସାଲତୁଲ୍ ଆଲମିୟାହ୍- 1985 ମସିହା)**

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 12-OCTOBER 2023 Issue No.-41

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଅବ୍ଦୁଲ୍ଲାଃ ବିନ୍ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରସୁଲୁଲ୍ଲାଃ ସ.ଅ ଏକ କବର ପାଖ ଦେଇ ଅତିକ୍ରମ କଲେ ତେବେ ଆପଣ ସ.ଅ ସେହି କବର ସଂପର୍କରେ ପଚାରିଲେ ଯେ, ଏହି କବରଟି କାହାର ଅଟେ ? ସାହାବାମାନେ ଉତ୍ତର ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ କବରଟି ହେଉଛି ଅମକ ମହିଳାର । ଆପଣ ସ.ଅ କହିଲେ: ତୁମେମାନେ ମୋତେ କାହିଁକି ସୂଚିତ କଲ ନାହିଁ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଶୋଇଥିଲେ । ଆମେମାନେ ଆପଣ ସ.ଅଙ୍କୁ ନିଦରୁ ଉଠାଇବା ପାଇଁ ଉଚିତ୍ ବୋଲି ମନେକଲୁ ନାହୁଁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏପରି କର ନାହିଁ । ମୋତେ ନିଜର ଯନାଜାଃରେ ଅବଶ୍ୟ ଡାକିବାକୁ ଚେଷ୍ଟା କରିବ । ଏହାପରେ ଆପଣ ସ.ଅ ସେଠାରେ (ସେହି ମହିଳାର କବର ପାଖରେ) ଧାଡ଼ି ବାନ୍ଧିବା ପାଇଁ ଲୋକମାନଙ୍କୁ କହିଲେ ଏବଂ ଉକ୍ତ ମହିଳାର ନମାଜ ଯନାଜାଃ ପାଠ କଲେ । **(ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-24, ପୃ-443, ହଦିସ୍ ନଂ-15673)**

ଅବ୍ଦୁଲ୍ଲାଃ ବିନ୍ ଆମିର୍ ବର୍ଣ୍ଣନା କରନ୍ତି ଯେ, ତାଙ୍କର ପିତାଶ୍ରୀ ହ. ଆମିର୍ ବିନ୍ ରବିୟା କହିଲେ ଯେ, ଆଁହଜରତ ସ.ଅ ଯେତେବେଳେ ଆମମାନଙ୍କୁ କୌଣସି ସରିୟାରେ ପ୍ରେରଣ କରୁଥିଲେ ସେତେବେଳେ ଆମ ନିକଟରେ ଏକମାତ୍ର ସମ୍ବଳ ଖଜୁରୀ କୋଳିର ଏକ ଥଳି ରହୁଥିଲା । ସୈନ୍ୟଦଳର ସେନାପତି ଆମମାନଙ୍କ ମଧ୍ୟରେ ମୁଠାଏ ଖଜୁରୀ କୋଳି ବାଣ୍ଟି ଦେଉଥିଲେ । ଧୀରେ ଧୀରେ ଯେତେବେଳେ ଖଜୁରୀ କୋଳି ଶେଷ ହୋଇ ଆସୁଉଥିଲା ସେତେବେଳେ ଗୋଟିଏ ଖଜୁରୀ କୋଳି ଗୋଟିଏ ଲୋକକୁ ମିଳୁଥିଲା । ଅବଦୁଲ୍ଲାଃ କୁହନ୍ତି ଯେ, ମୁଁ ପିତାଶ୍ରୀଙ୍କୁ ପଚାରିଲି ଯେ, ପିତାଶ୍ରୀ ! ଗୋଟିଏ ଖଜୁରୀ କୋଳିରେ କ'ଣ ଆପଣଙ୍କର ପେଟ ପୂରି ଯାଉଥିଲା ? ଅବଦୁଲ୍ଲାଃଙ୍କୁ ତାଙ୍କର ପିତାଶ୍ରୀ ରବିୟା ଉତ୍ତର ଦେଲେ, ପୁତ୍ର ! ଏପରି କୁହ ନାହିଁ । କାରଣ ସେହି ଗୋଟିଏ ଖଜୁରୀ କୋଳିର ମହତ୍ୱ ଆମମାନଙ୍କୁ ସେତେବେଳେ ଜ୍ଞାତ ହେଉଥିଲା ଯେତେବେଳେ ଆମ ପାଖରେ ଖାଇବାକୁ କୌଣସି ବସ୍ତୁ ମଧ୍ୟ ଉପଲବ୍ଧ ନଥିଲା । **(ହୁଲୟତୁଲ୍ ଅଉଲିୟା, ୱତବ୍‌କାତୁଲ୍ ଅସ୍‌ଫିୟା, ଭାଗ-1, ପୃ-179, ଦାରୁଲ୍ ଫିକର୍, ବୈରୁତ୍, ଲେବ୍‌ନାନ୍-1996 ମସିହାରୁ ଆନୀତ)**

ହ. ଉମର୍ ର.ଅ ଯେତେବେଳେ ନିଜର ଖିଲାଫତ୍ ଶାସନରେ ଖୈବର୍ ଅଞ୍ଚଳରେ ଇହୁଦୀମାନଙ୍କୁ ନିର୍ବାସିତ କରିଦେଲେ ସେତେବେଳେ କୁରା ଉପତ୍ୟକାର ଭୂମି ଯେଉଁ ଲୋକମାନଙ୍କ ମଧ୍ୟରେ ଆପଣ ବାଣ୍ଟିଥିଲେ ତନ୍ମଧ୍ୟରେ ହ. ଆମିର୍ ବିନ୍ ରବିୟା ମଧ୍ୟ ଥିଲେ । **(କିତାବ୍ ଅଖ୍‌ବାରୁଲ୍ ମଦିନତୁନ୍ ନବ୍‌ୱିୟାହ୍, ଲେଖକ-ଉମର୍ ବିନ୍ ଶବା, ଭାଗ-1, ପୃ-181, ଅମ୍‌ରେ ଖୈବର୍, ପ୍ରକାଶନ ସ୍ଥାନ-ଦାରୁଲ୍ ଉଲିୟାନ୍)** ହ. ଉମର୍ ର.ଅଙ୍କର ଯେତେବେଳେ ଯାବିୟା ଆଗମନ ହେଲା ସେତେବେଳେ ହ. ଆମିର୍ ର.ଅ ହ. ଉମର୍ ର.ଅଙ୍କ ସହିତ ଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ, ହ. ଉମର୍ ର.ଅଙ୍କ ଧ୍ୱଜା ହ. ଆମିର୍‌ଙ୍କ ନିକଟରେ ରହିଥିଲା । ଏହିପରି ଭାବରେ ହ. ଉସ୍‌ମାନ ର.ଅ ହଜ୍ କରିବାକୁ ଯେତେବେଳେ ଆସିଲେ ସେତେବେଳେ ସେ ହ. ଆମିର୍ ର.ଅଙ୍କୁ ମଦିନାରେ ନିଜର ପ୍ରତିଷ୍ଠାନିକ ରୂପେ ସ୍ଥାନୀୟ ଅମୀର ଭାବରେ ନିଯୁକ୍ତ କଲେ । **(ଅଲ୍ ଇସାବତୁ ଫି ତମିଜିସ୍ ସାହାବତ, ଭାଗ-3, ପୃ-469, ଆମିର୍ ବିନ୍ ରବିୟା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବ୍‌ନାନ୍-1995 ମସିହା) (ମୁଅଜିମୁଲ୍ ବଲ୍‌ଦାନ୍, ଭାଗ-2, ପୃ-91, ଯାବିୟା ଶବ୍ଦାନୁଯାୟୀ, ଦାରେ ସାଦିର୍, ବୈରୁତ୍, ଲେବ୍‌ବନାନ୍) (ସେରେ ଆଲାମୁନ୍ ନବ୍‌ଲା, ଭାଗ-2, ପୃ-334, ଆମିର୍ ବିନ୍ ରବିୟା, ଅର୍ ରିସାଲତୁଲ୍ ଆଲମିୟାହ୍, 1985 ମସିହା)**

ହ. ଆମିର୍ ବିନ୍ ରବିୟାଙ୍କ ମୃତ୍ୟୁ ସଂପର୍କରେ ବିଭିନ୍ନ ମତଭେଦ ଦେଖିବାକୁ ମିଳେ । କେତେକଙ୍କ ମତରେ ଆପଣ ର.ଅଙ୍କ ବୟୋଗ ହ. ଉସ୍‌ମାନ୍ ର.ଅଙ୍କ ଶାସନକାଳରେ ହୋଇଥିଲା ଏବଂ ଅନ୍ୟ କେତେକଙ୍କ ମତେରେ 32 ହିଜ୍ରୀରେ ତାଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଅନ୍ୟ କେତେକଙ୍କ ମତରେ ହ. ଅମିର୍ ବିନ୍ ରବିୟାଙ୍କ ମୃତ୍ୟୁ 36 ହିଜ୍ରୀ ବୋଲି ଦର୍ଶାଉଥିବା ବେଳେ ଅନ୍ୟ କେତେକଙ୍କ ମତାନୁଯାୟୀ 37 ହିଜ୍ରୀରେ ଆମିର୍ ବିନ୍ ରବିୟାଙ୍କ ମୃତ୍ୟ ହୋଇଛି ବୋଲି କୁହନ୍ତି । କିନ୍ତୁ ଅଲ୍ଲାମା ଇବ୍‌ନେ ଅସାକିର୍‌ଙ୍କ ନିକଟରେ ୩୨ ହିଜ୍‌ରୀର ବର୍ଣ୍ଣନାଟି ଅଧିକ ଗ୍ରହଣ ଯୋଗ୍ୟ ଜଣାପଡ଼େ । **(ତାରିଖେ ଦମିଶ୍‌କ୍, ଅଲ୍‌କବିର୍, ଲେଖକ-ଅସାକିର୍, ଭାଗ-27, ପୃ-229, ଆମିର୍ ବିନ୍ ରବିୟା, ଦାରୁଲ୍ ଅହୟାଉତ୍ତୁରାସୁଲ୍ ଅରବି, ବୈରୁତ୍, ଲେବ୍‌ନାନ୍, 2001 ମସିହା)**

ଆପଣଙ୍କ ବିୟୋଗ ସଂପର୍କରେ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହ. ଉସ୍‌ମାନ୍ ର.ଅଙ୍କ (ଶାହାଦତ୍) ବିୟୋଗ ପରେ ହ. ଆମିର୍ ବିନ୍ ରବିୟା ନିଜ ଘରେ ରହୁଥିଲେ, ଏପର୍ଯ୍ୟନ୍ତକି ଆପଣ ର.ଅଙ୍କ ବିୟୋଗ ପରେ ହିଁ ଆପଣଙ୍କ ଯନାଜାଃ (ଅର୍ଥି) ଘରୁ ବାହାରିଥିଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲଇବ୍‌ନି ସାଆଦ୍, ଭାଗ-3, ପୃ-296, ଆମିର୍ ବିନ୍ ରବିୟା, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍-1990 ମସିହା)**

ହ. ଅବ୍ଦୁଲ୍ଲାଃ ବିନ୍ ଆମିର୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ କାଳରେ ଜଣେ ବ୍ୟକ୍ତି ବନୁ ଫୁଜାରାହ୍‌ର ଜଣେ ମହିଳା ସହିତ ହଳେ ଜୋତା ମେହେର ଧାର୍ଯ୍ୟ କରି ନିକାହ୍ କରିନେଲା । ଆଁହଜରତ ସ.ଅ ଉକ୍ତ ନିକାହ୍‌କୁ ବୈଧ ବୋଲି ଦର୍ଶାଇ ଥିଲେ । **(ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-24, ପୃ-445, ବର୍ଣ୍ଣନା ସଂଖ୍ୟା-15676, ମୁଓସ୍‌ସିତୁର୍ ରିସାଲା, ବୈରୁତ୍)**

ଅନ୍ୟ ଏକ ବର୍ଣ୍ଣନାରେ ହ. ଆମିର୍ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲେ ଆପଣ ସ.ଅ ଯାତ୍ରାରେ ନିଜ ଓଟର ପିଠି ଉପରେ ରାତ୍ରବେଳେ ନଫିଲ୍ ନମାଜ ପାଠ କଲେ ଏବଂ ଯେଉଁ ଆଡ଼କୁ ଓଟ ଅଗ୍ରସର ହେଉଥିଲା ଆପଣ ସ.ଅଙ୍କ ମୁହଁ ସେହି ଆଡ଼କୁ ଥିଲା । **(ସହି ବୁଖାରୀ, କିତାବ୍ ତକ୍‌ସିରୁସ୍ ସଲାତା, ବାବୁ ମନ୍ ତତୱାଅ ଫିସ୍ ସଫରି....... ହଦିସ୍ ସଂଖ୍ୟା-1104)**

ହ. ଆମିର୍ ବିନ୍ ରବିୟା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ସହିତ ଏକ ଅନ୍ଧକାର ରାତ୍ରରେ ଯାତ୍ରା କୁରଥିଲି, ଆମେମାନେ ଯେତେବେଳେ ଏକ ସ୍ଥାନରେ ଅଟକିଲୁ ସେତେବେଳେ ଜଣେ ବ୍ୟକ୍ତି ପଥର ଏକତ୍ରିତ କଲା ଏବଂ ନମାଜ ପାଠ କରିବାର ଆୟୋଜନ କଲେ ଏବଂ ସେଠାରେ ନମାଜ ପାଠ କରାଗଲା । ଉକ୍ତ ଘଟଣା ପରେ ଆମେମାନେ ଜାଣିବାକୁ ପାଇଲୁ କି ଆମମାନେ ଯେଉଁ ଆଡ଼କୁ ମୁହଁ କରି ନମାଜ ପଢିଥିଲୁ ସେହି ଆଡ଼େ କିବ୍‌ଲା ନଥିଲା । ତତ୍‌ସଂପର୍କରେ ଆମେମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ପଚାରିଲୁ ସେତେବେଳେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ, وَلِلّٰهِ الْمَشْرِقُ وَالْمَغْرِبُ فَاَيْنَمَا تُوَلُّوْا فَثَمَّ وَجْهُ اللّٰهِ- **(ଅଲ୍ ବକରାହ୍:116)** ଅର୍ଥାତ ଅଲ୍ଲାଃତାଲାଙ୍କର ହିଁ ପୂର୍ବ ଦିଗ ଓ ପଶ୍ଚିମ ଦିଗ । ଅତଏବ ତୁମେମାନେ ଯେଉଁ ଦିଗ ଆଡ଼କୁ ବି ନିଜର ମୁହଁ ବୁଲାଅ ତେବେ ତୁମେ ପ୍ରଭୁଙ୍କ ଉତ୍କର୍ଷତା ସର୍ବତ୍ର ବିଦ୍ୟମାନ ହେଉଥିବାର ଅବଲୋକନ କରିବ । **(ହୁଲିୟତୁଲ୍ ଅଉଲିୟା ୱତବ୍‌କାତୁଲ୍ ଅସ୍‌ଫିୟା, ଭାଗ-1, ପୃ-179-180, ଦାରୁଲ୍ ଫିକର, ବୈରୁତ୍, ଲେବ୍‌ନାନ୍, 1996 ମସିହା)** ଅର୍ଥାତ ଭୁଲବଶତଃ ଯଦି କିବ୍‌ଲା ଆଡ଼କୁ ମୁହଁ ନକରି ନମାଜ ପଢି ନେଇଛ ତେବେ ସେ କ୍ଷେତ୍ରରେ କୌଣସି ଅସୁବିଧା ନାହିଁ କି କୌଣସି ଚିନ୍ତାଜନକ ବିଷୟ ନୁହେଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଯେ, ଏହା ମଧ୍ୟ ହୋଇପାରେ ଯେ, ଉକ୍ତ ଆୟତ୍ ଆଁହଜରତ ସ.ଅ ସାହାବାମାନଙ୍କୁ ବୁଝାଇବା ନିମନ୍ତେ ପଢି ଶୁଣାଇଥିଲେ। ଅର୍ଥାତ ଏହା ଆବଶ୍ୟକ ନୁହେଁ ଯେ, ଉପରୋକ୍ତ ଆୟତ୍‌ଟି ସେହି ସମୟରେ ଅବତୀର୍ଣ୍ଣ ହୋଇଥିବ । ସେ ଯାହା ହେଉ ନା କାହିଁକି ଉପରୋକ୍ତ ବର୍ଣ୍ଣନାଗୁଡ଼ିକ ହେଉଛି ହୁଲିୟତୁଲ୍ ଅଉଲିୟାର ।

ହ. ଆମିର୍ ବିନ୍ ରବିୟା ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ମୋ ଉପରେ ଥରୁଟିଏ ଦୁରୁଦ୍ ପ୍ରେରଣ କରେ ଅଲ୍ଲାଃତାଲା ତା' ଉପରେ ଦଶ ଥର ଶାନ୍ତି ଅବତୀର୍ଣ୍ଣ କରିଥାଆନ୍ତି । ଅତଏବ୍ ବର୍ତ୍ତମାନ ତୁମ ଇଚ୍ଛା, ତୁମେ ଅଧିକ ଦୁରୁଦ୍ ପ୍ରେରଣ କର ଅବା ସ୍ୱଳ୍ପ ଦୁରୁଦ୍ ପ୍ରେରଣ କର । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଯେଉଁ ବ୍ୟକ୍ତି ମୋ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା **(ଅବଶିଷ୍ଟାଂ ..........ପରବର୍ତ୍ତୀ ସଂଖ୍ୟାରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan